# ଦ୍ୱିତୀୟ ଅଧ୍ୟାୟ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

## ପ୍ରଥମ ପାଠ

## ଓଡ଼ିଆ ଜାତୀୟତାର ବିକାଶ

ପରମ୍ପରା ତଥା ସଂସ୍କୃତିରେ ପରିପୂର୍ଣ୍ଣ ଓଡ଼ିଶା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ବିଭିନ୍ନ ସମୟରେ ବିଭିନ୍ନ ରାଜବଂଶ ଅଧୀନରେ ଓଡ଼ିଶା ତାହାର ଗୌରବୋଜ୍ଜ୍ୱଳ ଇତିହାସ ବଜାୟ ରଖିଥିଲା । ମଧ୍ୟଯୁଗୀୟ ଓଡ଼ିଶା ମହାନ ଗଙ୍ଗବଂଶୀ ତଥା ସୂର୍ଯ୍ୟବଂଶୀ ନରପତିଙ୍କ କୃତିତ୍ୱରେ ଉଜ୍ଜ୍ୱଳ ଥିଲା । ସାରା ଭାରତରେ ମୁସଲମାନ୍ ଶାସନର ପ୍ରାଧାନ୍ୟ ଥିଲାବେଳେ ଓଡ଼ିଶାର ହିନ୍ଦୁ ରାଜାମାନେ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାଧନ କରିଥିଲେ । ୧୫୬୮ ମସିହାରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଲା । ପ୍ରଥମେ ଆଫଗାନ ଓ ପରେ ପରେ ମୋଗଲ ଓ ମରହଟ୍ଟା ଶାସକ ରାଜତ୍ୱ କଲେ । ୧୮୦୩ ରେ ଓଡ଼ିଶା ଇଂରେଜ ମାନଙ୍କ ଦ୍ୱାରା ଅଧିକୃତ ହେଲା ।

> **ତୁମେ ଜାଣିଛ କି ?**
> *ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା ଥିଲେ ମୁକୁନ୍ଦ ଦେବ । ସେ ୧୫୫୯ରୁ ୧୫୬୮ ପର୍ଯ୍ୟନ୍ତ ରାଜୁତି କରିଥିଲେ ।*

ଓଡ଼ିଶାରେ ଇଂରେଜମାନେ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କଲାପରେ ଏଠାରେ ପାଶ୍ଚାତ୍ୟ ଶିକ୍ଷା ଓ ଧର୍ମଧାରାର ପ୍ରବାହ ଆରମ୍ଭ ହେଲା । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷର ଭୟାବହତା ପରେ ଓଡ଼ିଆ ଅନୁଭବ କଲା କିଛି ପରିବର୍ତ୍ତନର ଆବଶ୍ୟକତା । ଏହି ପରିବର୍ତ୍ତନର ଆଶା ଓଡ଼ିଶାବାସୀଙ୍କ ମନରେ ନୂତନ ଉତ୍ସାହ ଓ ଜାତୀୟ ଚେତନାର ଭାବନା ଆଣିଦେଲା । ଶିକ୍ଷିତ ଯୁବଗୋଷ୍ଠୀ ଏକ ନୂତନ ଓଡ଼ିଶାର ନିର୍ମାଣ ପାଇଁ ସ୍ୱପ୍ନ ଦେଖିଲେ । ଏହା ନବଜାଗରଣକୁ ଅଧିକ ତ୍ୱରାନ୍ୱିତ କରିଥିଲା । ବିଭିନ୍ନ କାରଣ ଯୋଗୁଁ ପରାଧୀନ ଓଡ଼ିଶାରେ ନବଚେତନାର ଆରମ୍ଭ ହୋଇଥିଲା ।

### ଓଡ଼ିଶାରେ ଶିକ୍ଷାର ପ୍ରସାର :

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂରେଜ ସରକାରଙ୍କର ମନୋଭାବ ପରିବର୍ତ୍ତନ ହେବା ଦ୍ୱାରା ଓଡ଼ିଶାରେ ଇଂରେଜ ଶିକ୍ଷାର ପ୍ରସାର ଘଟିଲା । ଇଂରେଜୀ ଭାଷାର ପ୍ରଚଳନ ଫଳରେ ଏକ ଉଦ୍ଦେଶ୍ୟ ପୂର୍ଣ୍ଣ ଓ ସଂଗଠିତ ଜାତୀୟ ଜାଗରଣ ସୃଷ୍ଟି ହେଲା । ୧୮୨୩ରେ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକମାନେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କଲେ । ୧୮୪୧ରେ ସରକାର ଏହାର ପରିଚାଳନା ଭାର ହାତକୁ ନେଲେ । ୧୮୩୦ ମସିହାରେ ଓଡ଼ିଆ ରକ୍ଷଣଶୀଳ ସଂପ୍ରଦାୟର ଉପେକ୍ଷା ଫଳରେ ବୌଦ୍ଧିକ ବିକାଶ ବାଧା ପ୍ରାପ୍ତ ହୋଇଥିଲା । କିନ୍ତୁ ୧୮୫୪ ମସିହାରେ ଚାର୍ଲସ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ପ୍ରଣୟନ ଓ ୧୮୫୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା । ୧୮୫୮ ମସିହାରେ ଓଡ଼ିଶାରେ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାର ସଦର ମହକୁମାରେ ଥିବା ଗୋଟିଏ ଲେଖାଏଁ ଜିଲ୍ଲା ସ୍କୁଲ ସମେତ ସରକାରୀ ଓ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ଏହିପରି ମୋଟ୍ ୩୩ଟି ବିଦ୍ୟାଳୟ ଥିଲା । ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ଓ ସେଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ବହୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କଲା । ବାସ୍ତବରେ ଇଂରେଜୀ ଶିକ୍ଷାର ପ୍ରସାର ଫଳରେ ବିଭାଜିତ ଓଡ଼ିଶାରେ ଶିକ୍ଷିତ ଯୁବକମାନଙ୍କ ମନରେ ଏକ ନବଜାଗରଣ ସୃଷ୍ଟି ହେଲା ।


୧୮୬୭ରେ କଟକ ଜିଲ୍ଲା ସ୍କୁଲକୁ ଉଚ୍ଚ ବିଦ୍ୟାଳୟ ବା ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ ଭାବେ ଉନ୍ନୀତ କରାଗଲା ଏବଂ ଏହା କଲିକତା ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ହେଲା । ୧୮୬୮ ଜାନୁୟାରୀ ୨୦ ରୁ ଏଠାରେ ମାତ୍ର

୬ ଜଣ ଛାତ୍ରଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ ହେଲା । ଉକ୍ତ ବର୍ଷ ମଧୁସୂଦନ ଦାସ ଏହି ଅନୁଷ୍ଠାନରୁ ଏଫ୍.ଏ.ପାସ୍ କଲେ । ସେ ୧୮୭୦ରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ପାସ୍ କରି ଓଡ଼ିଶାର ପ୍ରଥମ ସ୍ନାତକ ହୋଇଥିଲେ । ସେ ୧୮୭୩ରେ ଏମ୍.ଏ. ପାସ୍ କଲେ ଏବଂ ୧୮୭୮ରେ ବି.ଏଲ୍. ଡିଗ୍ରୀ ହାସଲ କରି ସ୍ନାତକୋତ୍ତର ଓ ଆଇନ୍ ଡିଗ୍ରୀ ପ୍ରାପ୍ତ କରିବାରେ ପ୍ରଥମ ଓଡ଼ିଆ ଥିଲେ । ୧୮୭୬ରେ କଟକ ଉଚ୍ଚ ବିଦ୍ୟାଳୟକୁ (ପୂର୍ବରୁ ଉନ୍ନୀତ କରାଯାଇଥିବା ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟକୁ) ସ୍ନାତକ ମହାବିଦ୍ୟାଳୟ ରୂପେ ଉନ୍ନୀତ କରାଯାଇଥିଲା । କଟକରେ ଅବସ୍ଥାପିତ କମିଶନର ଟି.ଇ. ରେଭେନ୍ସାଙ୍କ ନାମରେ ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟଟି ରେଭେନ୍ସା କଲେଜ ଭାବରେ ପରିଚିତ ହେଲା । ରେଭେନ୍ସା କଲେଜରେ ବହୁ ଓଡ଼ିଆ ଯୁବକ ଉଚ୍ଚତର ଶିକ୍ଷା ଲାଭ କରିବାର ସୁଯୋଗ ପାଇଲେ । ସେମାନେ ଓଡ଼ିଆ ଜାତୀୟତାକୁ ଜାଗ୍ରତ କରିଥିଲେ । ଏହି ଶିକ୍ଷିତ ଯୁବକଗଣ ନୂତନ ସାମାଜିକ, ରାଜନୀତିକ ଓ ଆଧୁନିକ ଶିକ୍ଷାର ଅଧିକାରୀ ହୋଇ ସମାଜରେ ଏକ ଗୋଷ୍ଠୀ ଗଢ଼ିଥିଲେ । ସେହି ଗୋଷ୍ଠୀର ସଂକଳ୍ପ ଥିଲା ଅନ୍ୟାୟ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଜାତୀୟ ଚେତନାର ଅଭିବୃଦ୍ଧି କରିବା । ଓଡ଼ିଶାର ନୂତନ ବୁଦ୍ଧିଜୀବୀମାନେ ଓଡ଼ିଆ ଭାଷା ଓ ସଂସ୍କୃତି ତଥା ଓଡ଼ିଆମାନଙ୍କର ଏକତ୍ରୀକରଣ ପାଇଁ ସ୍ୱର ଉତ୍ତୋଳନ କଲେ ।

### ଓଡ଼ିଆ ଭାଷା, ସାହିତ୍ୟ ଓ ସମ୍ବାଦପତ୍ରର ବିକାଶ :

ଓଡ଼ିଶାରେ ଛାପାଖାନା ପ୍ରତିଷ୍ଠା ଓଡ଼ିଶାର ବିଭିନ୍ନ ସ୍ଥାନରେ ଭାଷାର ସୁରକ୍ଷା ଓ ବିକାଶ ନିମନ୍ତେ ସହାୟକ ହୋଇଥିଲା । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିଲା । ସେହି ସମୟରେ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଏବଂ ଫକୀରମୋହନ ସେନାପତି ଓ ରାଧାନାଥ ରାୟଙ୍କ ପରି ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ଦେବାରେ ସମର୍ଥ ହୋଇଥିଲେ ।

୧୮୩୭ ମସିହାରେ ଓଡ଼ିଶାରେ ପ୍ରଥମ ମୁଦ୍ରଣଯନ୍ତ୍ର କଟକ ମିଶନ ପ୍ରେସ ନାମରେ ପ୍ରତିଷ୍ଠିତ ହେଲା । ତେଣୁ ସାହିତ୍ୟ ଓ ସମ୍ବାଦ ପତ୍ର ପ୍ରକାଶନ ସହଜ ହେଲା ।



(ଫକୀରମୋହନ ସେନାପତି)

୧୮୬୬ରେ କଟକରେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ୧୮୬୮ରେ ବାଲେଶ୍ୱରରେ ଫକୀର ମୋହନ ସେନାପତିଙ୍କ ସଂପାଦନାରେ 'ସମ୍ବାଦ ବାହିକା', 'ବୋଧଦାୟିନୀ', ୧୮୮୯ରେ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ବାମଣ୍ଡାରୁ 'ସମ୍ବଲପୁର ହିତୈଷିଣୀ' ଆଦି ସମ୍ବାଦ ପତ୍ର ପ୍ରକାଶିତ ହୋଇ ଉତ୍କଳୀୟ ଭାବକୁ ଜାଗ୍ରତ କରିଥିଲା । ଏଗୁଡ଼ିକ ବ୍ୟତୀତ ବହୁଦିନ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥିବା ଅନ୍ୟାନ୍ୟ ଅନେକ ପତ୍ରିକା ପ୍ରକାଶିତ ହୋଇଥିଲା । ଏହି ସମ୍ବାଦ ପତ୍ରଗୁଡ଼ିକ ଓଡ଼ିଶାର ସମସ୍ୟାଗୁଡ଼ିକ ପ୍ରତି ଜନମତ ଜାଗ୍ରତ କରିବା ଏବଂ ଓଡ଼ିଆ ଜାତୀୟ ଚେତନା ବୃଦ୍ଧି କରିବାର ସହାୟକ ହୋଇଥିଲା ।

**_ତୁମ ପାଇଁ କାମ_**

**_ପାଠରେ ଦିଆଯାଇଥିବା ପତ୍ରିକାଗୁଡ଼ିକ ବ୍ୟତୀତ ଉନବିଂଶ ଶତାବ୍ଦୀରେ ପ୍ରକାଶିତ ଅନ୍ୟୂନ ଦଶଟି ପତ୍ରିକାର ପ୍ରକାଶ ସ୍ଥାନ ଓ ସମୟ ସହିତ ଏକ ତାଲିକା ପ୍ରସ୍ତୁତ କର ।_**

ଭାଷା ବିବାଦ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି କରିବାରେ ସହାୟକ ହୋଇଥିଲା । ଉନବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଆନ୍ଦୋଳନ ଓଡ଼ିଶାରେ ଜାତୀୟତାବାଦର ଜନନୀ କହିଲେ ଅତ୍ୟୁକ୍ତି ହେବନାହିଁ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସମୟରେ ଓଡ଼ିଶା ମୁଖ୍ୟତଃ କଟକ, ପୁରୀ ଓ

ବାଲେଶ୍ୱରକୁ ନେଇ ଶାସିତ ହେଉଥିଲା । ଓଡ଼ିଆ ଭାଷା ଓ ସଂସ୍କୃତି ସେତେବେଳକୁ ଭୂଲୁଣ୍ଠିତ ହୋଇ ସାରିଥିଲା । କାରଣ ମରହଟ୍ଟାମାନେ ପାର୍ଶୀ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ । ଇଂରେଜମାନେ ଓଡ଼ିଶାକୁ ବଙ୍ଗଳାର ଏକ ଅଂଶ ରୂପେ ଗ୍ରହଣ କରିଥିଲେ ଏବଂ ସେଥିପାଇଁ ସେମାନେ ବଙ୍ଗୀୟମାନଙ୍କୁ ରାଜକର୍ମଚାରୀ ରୂପେ ଓଡ଼ିଶାରେ ଅବସ୍ଥାପିତ କଲେ । ଏହି ବଙ୍ଗୀୟମାନେ ହିଁ ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରଚାରରେ ମଗ୍ନ ରହିଲେ । ୧୮୪୯ରେ କଟକର କଲେକ୍ଟର ବଙ୍ଗଳାଭାଷାକୁ ସରକାରୀ ଭାଷାରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଛାପାଖାନାର ଅଭାବ ଏବଂ ବୁଦ୍ଧିଜୀବୀଙ୍କ ସ୍ୱଳ୍ପତା ହେତୁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ସଂଖ୍ୟା ବହୁତ କମ୍ ଥିଲା । ଏହି ଅସୁବିଧା ଆଳରେ କେତେକ ପ୍ରଭାବଶାଳୀ ବଙ୍ଗୀୟ ବ୍ୟକ୍ତି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ତେଣୁ ନିଜ ଭାଷାକୁ ରକ୍ଷା କରିବାକୁ ନେଇ ଆରମ୍ଭ ହୋଇଥିବା ସଂଘର୍ଷ ଓଡ଼ିଆମାନଙ୍କ ମନରେ ଏକ ନୂତନ ଜାତୀୟ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ଓଡ଼ିଶାର କେତେକ ବଙ୍ଗଭାଷୀ ବ୍ୟକ୍ତି ଓଡ଼ିଆ ଭାଷା ପ୍ରତି ସମର୍ଥନ ତଥା ଏହାର ସୁରକ୍ଷା ଦିଗରେ ଆପ୍ରାଣ ଉଦ୍ୟମ କରିବା ଦ୍ୱାରା ଓଡ଼ିଶାରେ ଜାତୀୟତାଭାବର ବିକାଶ ହୋଇଥିଲା ।

ତତ୍କାଳୀନ ମାଡ୍ରାସ ପ୍ରଦେଶ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ତେଲେଗୁ ସରକାରୀ ଭାଷା ରୂପେ ପ୍ରଚଳିତ ହେବା ଫଳରେ ଓଡ଼ିଆ ଭାଷା ଅବହେଳିତ ହେଲା । ଗଞ୍ଜାମର ଓଡ଼ିଆମାନେ ଓଡ଼ିଶା ଡିଭିଜନରେ ମିଶିବା ପାଇଁ ଅନ୍ଦୋଳନ କଲେ । ୧୮୭୦ ସେପ୍ଟେମ୍ବରରେ ସେମାନେ ରସୁଲକୋଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ସଭାକରି ସମସ୍ତ ଓଡ଼ିଆଙ୍କୁ ଏକତ୍ର ହେବା ପାଇଁ ଆହ୍ୱାନ ଦେଇଥିଲେ ।

କେନ୍ଦ୍ରୀୟ ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ହିନ୍ଦୀକୁ ସରକାରୀ ଭାଷାରୂପେ ପ୍ରଚଳନ କରାଗଲା କାରଣ ହିନ୍ଦୀ ଭାଷୀ ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ରାଜି ହେଉ ନଥିଲେ । ସମ୍ବଲପୁର ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ହିନ୍ଦୀଭାଷାରେ ଶିକ୍ଷାଦାନ କରାଗଲା । ଏହା ଇଂରେଜ ସରକାର ଓ ହିନ୍ଦୀ ଭାଷୀମାନଙ୍କ ଦ୍ୱାରା ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ ବୋଲି ମନେ କରି ସରକାରଙ୍କ ନୀତିକୁ ସେହି ଅଞ୍ଚଳର ଓଡ଼ିଆମାନେ ଘୋର ବିରୋଧ କଲେ । 'ସମ୍ବଲପୁର ହିତୈଷିଣୀ' ପତ୍ରିକା ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଜାଗରଣ ସୃଷ୍ଟି କରି ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜନମତ ଜାଗ୍ରତ କରିଥିଲା । ସମ୍ବଲପୁରବାସୀଙ୍କ ଅବିରତ ଉଦ୍ୟମ ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେଲା ।

ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେର ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧାଗଣ ଜାତୀୟତାବାଦୀ ଲେଖା ମାଧ୍ୟମରେ ଓଡ଼ିଶାର ନରନାରୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ ।



(ଗଙ୍ଗାଧର ମେହେର)

**ତୁମ ପାଇଁ କାମ**

*ଓଡ଼ିଶାରେ ଓଡ଼ିଆ ଭାଷାର ବିକାଶକୁ ସମର୍ଥନ କରୁଥିବା ଓଡ଼ିଶାର ବିଶିଷ୍ଟ ବଙ୍ଗଭାଷୀ ବ୍ୟକ୍ତି ଏବଂ ଇଂରେଜ ଅଧିକାରୀମାନଙ୍କ ନାମର ତାଲିକା ପ୍ରସ୍ତୁତ କର ।*

## ବିଭିନ୍ନ ଅନୁଷ୍ଠାନ ଗଠନ :

ଓଡ଼ିଆ ଜାତୀୟ ଜାଗରଣର ସୃଷ୍ଟି ନିମନ୍ତେ ଅନେକ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ରହିଥିଲା । ୧୮୭୬

ମସିହାରେ ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ଓ ଗୌରୀଶଙ୍କର ରାୟ ପ୍ରମୁଖ ମନୀଷୀଗଣ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ନିମନ୍ତେ କଟକରେ 'ଉତ୍କଳ ସଭା' ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ। ଏହି ଉତ୍କଳ ସଭା ଜାତୀୟତାବାଦ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହା ବ୍ୟତୀତ ବାଲେଶ୍ୱରରେ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା' କଟକରେ 'ଉତ୍କଳ ଭାଷା ଉଦ୍ଦୀପନୀ ସଭା' ଓ 'ଉତ୍କଳ ଉଲ୍ଲାସିନୀ ସଭା' ଏବଂ ବ୍ରହ୍ମପୁର (ଗଞ୍ଜାମ)ରେ 'ଉତ୍କଳ ହିତବାଦିନୀ ସଭା' ଆଦି ଅନୁଷ୍ଠାନଗୁଡ଼ିକ ଓଡ଼ିଆ ଜାତୀୟ ଜାଗରଣକୁ ବଳବତ୍ତର କରିଥିଲା।

## ଧାର୍ମିକ ନବ ଜାଗରଣ :

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଧର୍ମକ୍ଷେତ୍ରରେ ନବ ଚେତନାର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଖ୍ରୀଷ୍ଟଧର୍ମ ଓ ବ୍ରାହ୍ମଧର୍ମ ବିରୋଧରେ ଏକ ସଂସ୍କାରଧର୍ମୀ ଧର୍ମର ଆବଶ୍ୟକତା ଅନୁଭବ କରାଗଲା। ଏହି ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥିଲା ଓଡ଼ିଶା ମାଟିରୁ ସମ୍ଭୂତ ଏକ ଧର୍ମ। ଏହି ଧର୍ମ ଥିଲା– ସତ୍ୟ ମହିମା ଧର୍ମ । ଏହି ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ। ଏହି ଧର୍ମ ଓଡ଼ିଶାର ଜନଜୀବନ ଓ ଓଡ଼ିଆ ସାହିତ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥିଲା। ଭୀମଭୋଇ ଥିଲେ ଏହି ଧର୍ମର ଜଣେ ମୁଖ୍ୟ ପ୍ରଚାରକ। ତାଙ୍କଦ୍ୱାରା



(ଭୀମଭୋଇ)

ରଚିତ କବିତାଗୁଡ଼ିକ ଓଡ଼ିଆମାନଙ୍କ ମନରେ ନିଃସ୍ୱାର୍ଥ ସେବା, ଜାତିପ୍ରୀତି ଓ ଆତ୍ମବଳି ଭାବନା ସୃଷ୍ଟି କରିଥିଲା। ମହିମାଧର୍ମ ଓଡ଼ିଆ ଲୋକମାନଙ୍କ ମଧ୍ୟରେ ଏକ ଅପୂର୍ବ ଏକତା ଆଣିଦେଲା। ଫଳରେ ସେମାନଙ୍କର ଜାତୀୟ ଚେତନାର ଅଭିବୃଦ୍ଧି ଘଟିଥିଲା।

## ଇଂରେଜମାନଙ୍କ ଜନହିତକର କାର୍ଯ୍ୟ :

ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ। କମିଶନର ଟି.ଇ. ରେଭେନ୍‌ସା ଓଡ଼ିଶାର ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ନିଜ ହାତକୁ ନେଇଥିଲେ। ସେ ଆଳି ଓ ବାଙ୍କୀଠାରେ ନୂତନ ବନ୍ଧନିର୍ମାଣ ତଥା ପୁରୁଣାବନ୍ଧର ମରାମତି କରାଇଥିଲେ। ତା' ବ୍ୟତୀତ ବାଣିଜ୍ୟର ଉନ୍ନତି ପାଇଁ ଓଡ଼ିଶା ଭାରତର ଅନ୍ୟ ପ୍ରଦେଶ ସହିତ ପକ୍‌କା ପିଚୁ ରାସ୍ତା ଦ୍ୱାରା ସଂଯୋଜିତ ହୋଇଥିଲା। ଭୌଗୋଳିକ ଅବରୋଧରୁ ମୁକ୍ତକରି ଏହା ଓଡ଼ିଶାବାସୀଙ୍କୁ ଆଧୁନିକ ସଭ୍ୟତା ସହିତ ପରିଚିତ କରାଇ ପାରିଥିଲା ଏବଂ ସେମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି କରିବାରେ ସହାୟକ ହୋଇଥିଲା।

୧୮୮୨ ରେ ଭାଇସ୍‌ରାଏ ଲର୍ଡ ରିପନଙ୍କ ଦ୍ୱାରା ପ୍ରବର୍ତ୍ତିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଓଡ଼ିଆମାନଙ୍କ ମଧରେ ରାଜନୀତିକ ସଚେତନତା ଜାଗ୍ରତ କରାଇଥିଲା । ଲର୍ଡ଼ ରିପନଙ୍କୁ ଏହି ଜନହିତୈଷୀ ପଦକ୍ଷେପ ପାଇଁ ପ୍ରଶଂସା ଓ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ୧୮୮୨ ଜୁନ୍ ୩୦ରେ କଟକରେ ଏକ ବିରାଟ ସାଧାରଣ ସଭା ଆୟୋଜିତ ହୋଇ ବହୁ ସଂଖ୍ୟକ ଓଡ଼ିଆଙ୍କୁ ଏକତ୍ର କରିଥିଲା । ସ୍ଥାନୀୟ ଶାସନ ସଂସ୍ଥାକୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଠାଇ ଓଡ଼ିଆମାନେ ଅଧିକ ରାଜନୀତିକ ଜ୍ଞାନ ଆହରଣ କରିବାର ଆଶା ରଖିଲେ ।

ଏହା ବ୍ୟତୀତ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ଏବଂ ଦେଶର ବିଭିନ୍ନ ଜାତୀୟ ସମ୍ମିଳନୀରେ ଓଡ଼ିଆ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଯୋଗଦାନ ଓଡ଼ିଆ ଜାତୀୟତା ଜାଗରଣ ପାଇଁ ସହାୟକ ହୋଇଥିଲା ।

ଏହିପରି ଭାବରେ ବିଭିନ୍ନ କାରଣରୁ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାଭାବ ଦୃଢ଼ୀଭୂତ ହେଲା ଏବଂ ସେମାନେ ନିଜର ଇତିହାସ ଓ ଐତିହ୍ୟ, ଭାଷା ଓ ସଂସ୍କୃତି ତଥା ଐକ୍ୟଭାବ ଓ ସଂହତି ସମ୍ପର୍କରେ ଅଧିକ ସଚେତନ ହେଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆମାନେ ନିଜକୁ ଖୋଜିବାରେ ମନୋନିବେଶ କଲେ । ଏହା ଓଡ଼ିଆ ଜାତିର ପ୍ରାଣରେ ଆଣିଥିଲା ନୂତନ ଜାଗରଣର ମନ୍ତ୍ର ।

❖ ❖ ❖

## ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ଓ ତାହାର ଫଳାଫଳ ଆଲୋଚନା କର ।

(ଖ) ଓଡ଼ିଶାରେ ସମ୍ବାଦପତ୍ରର କିପରି ବିକାଶ ହୋଇଥିଲା ?

(ଗ) ଓଡ଼ିଆ-ବଙ୍ଗଳାଭାଷା ବିବାଦ କିପରି ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ?

(ଘ) ଊନବିଂଶ ଶତାବ୍ଦୀରେ ଗଠିତ ହୋଇଥିବା କେଉଁ ଅନୁଷ୍ଠାନଗୁଡ଼ିକ ଜାତୀୟ ଜାଗରଣକୁ ବଳବତ୍ତର କରିଥିଲା ?

(ଙ) ଧର୍ମକ୍ଷେତ୍ରରେ ଓଡ଼ିଶାରେ ଦେଖା ଦେଇଥିବା 'ନବଜାଗରଣ' କ'ଣ ଏବଂ ଓଡ଼ିଆ ଜାତୀୟତା ବିକାଶ ଦିଗରେ ଏହା କିପରି ସହାୟକ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) କେବେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଥିଲା ଏବଂ କେବେ ଇଂରେଜମାନେ ଓଡ଼ିଶା ଅଧିକାର କଲେ ?

(ଖ) ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ କ'ଣ ସହାୟକ ହୋଇଥିଲା ?

(ଗ) ଓଡ଼ିଶାରେ ଶିକ୍ଷିତ ଯୁବଗୋଷ୍ଠୀର ସଂକଳ୍ପ କ'ଣ ଥିଲା ?

(ଘ) କେବେ ଓଡ଼ିଶାରେ ପ୍ରଥମ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ଥିଲା ?

(ଙ) 'ଉତ୍କଳ ଦୀପିକା'ର ସମ୍ପାଦକଙ୍କର ନାମ କ'ଣ ଥିଲା ଏବଂ ଏହା କେଉଁଠାରୁ ପ୍ରକାଶ ପାଉଥିଲା ?

(ଚ) ଫକୀରମୋହନ ସେନାପତିଙ୍କ ସମ୍ପାଦନାରେ ପ୍ରକାଶିତ ସମ୍ବାଦ ପତ୍ରଗୁଡ଼ିକର ନାମ କ'ଣ ?

(ଛ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ପାଠ୍ୟପୁସ୍ତକର ସଂଖ୍ୟା ବହୁତ କମ୍ ଥିବାର କାରଣ କ'ଣ ଥିଲା ?

(ଜ) ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ କଟକରେ କେଉଁ ପ୍ରମୁଖ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା ?

(ଝ) କିଏ ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ଏବଂ କିଏ ଏହାର ମୁଖ୍ୟ ପ୍ରଚାରକ ଥିଲେ ?

(ଞ) ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ରିପନଙ୍କୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ କେବେ ଏବଂ କେଉଁଠାରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କଲିକତା ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହୋଇଥିଲା ?

(ଖ) ରେଭେନ୍‌ସା କଲେଜ କେବେ ଜନ୍ମଲାଭ କରିଥିଲା ?

(ଗ) ୧୮୬୭ରେ କେଉଁ ଶିକ୍ଷାନୁଷ୍ଠାନକୁ ଉନ୍ନୀତ କରାଯାଇ ଏକ ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ କରାଗଲା ?

(ଘ) କିଏ ଓଡ଼ିଶାର ପ୍ରଥମ ସ୍ନାତକ ହୋଇଥିଲେ ?

(ଙ) 'ସମ୍ବଲପୁର ହିତୈଷିଣୀ'ର ପ୍ରକାଶକ କିଏ ଥିଲେ ?

(ଚ) ମରହଟ୍ଟାମାନେ କେଉଁ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ ?

(ଛ) 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା' କେଉଁଠାରେ ଅବସ୍ଥିତ ଥିଲା ?

(ଜ) ଭୀମଭୋଇ କେଉଁ ଧର୍ମକୁ ଭିତ୍ତିକରି ତାଙ୍କର କବିତା ଗୁଡ଼ିକ ରଚନା କରିଥିଲେ ?

(ଝ) ଟି.ଇ. ରେଭେନ୍ସା କେଉଁଠାରେ ନୂତନ ନଦୀବନ୍ଧ ନିର୍ମାଣ କରିଥିଲେ ?

(ଞ) ଲର୍ଡ଼ ରିପନ କେବେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) କେବେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ?

(i) ୧୮୦୩ (ii) ୧୮୨୩ iii) ୧୮୪୧ (iv) ୧୮୫୪

(ଖ) କିଏ "ବୋଧଦାୟିନୀ"ର ସମ୍ପାଦକ ଥିଲେ ?

(i) ଫକୀରମୋହନ ସେନାପତି (ii) ରାଧାନାଥ ରାୟ

(iii) ଗୌରୀଶଙ୍କର ରାୟ (iv) ନୀଳମଣି ବିଦ୍ୟାରତ୍ନ

(ଗ) ମୁଖ୍ୟତଃ କେଉଁ ଅଞ୍ଚଳଗୁଡ଼ିକୁ ନେଇ ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିଲା ?

(i) ଗଞ୍ଜାମ, ପୁରୀ, କଟକ (ii) ପୁରୀ, କଟକ, ବାଲେଶ୍ୱର

(iii) କଟକ, ବାଲେଶ୍ୱର, ସମ୍ବଲପୁର (iv) ପୁରୀ, ଗଞ୍ଜାମ, ସମ୍ବଲପୁର

(ଘ) କେବେ କଟକର କଲେକ୍ଟର ବଙ୍ଗଳାଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ଦେଇଥିଲେ ?

(i) ୧୮୦୩ (ii) ୧୮୪୯ (iii) ୧୮୬୬ (iv) ୧୮୬୮

(ଙ) ୧୮୮୨ରେ ଗଠିତ 'ଉତ୍କଳ ସଭା'ର ପ୍ରଥମ ସଭାପତି କିଏ ଥିଲେ ?

(i) ମଧୁସୂଦନ ଦାସ (ii) ପ୍ୟାରୀମୋହନ ଆଚାର୍ଯ୍ୟ

(iii) ଗୌରୀଶଙ୍କର ରାୟ (iv) କାଶୀନାଥ ଦାସ


**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଦ୍ୱିତୀୟ ପାଠ

# ଉତ୍କଳ ସମ୍ମିଳନୀର ଗଠନ

ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ନିମନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସ ଯେଉଁ ପ୍ରଚେଷ୍ଟା ଜାରି ରଖିଥିଲେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦ୍ୱାରା ତାହାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା । ପ୍ରଥମେ ମଧୁସୂଦନ ଦାସଙ୍କ ଉତ୍ସାହ ଓ ଉଦ୍ୟମରେ ୧୮୮୨ ଅଗଷ୍ଟ ୧୬ରେ କଟକଠାରେ 'ଉତ୍କଳ ସଭା' ଗଠିତ ହୋଇଥିଲା । ଏହାଥିଲା ଓଡ଼ିଶାର ସର୍ବପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ । ଏହାର ପ୍ରଥମ ସଭାପତି ହେଲେ ଚୌଧୁରୀ କାଶୀନାଥ ଦାସ ଓ ପ୍ରଥମ ସମ୍ପାଦକ ହେଲେ ଗୌରୀଶଙ୍କର ରାୟ । ଏହି



(କର୍ମବୀର ଗୌରୀଶଙ୍କର ରାୟ)

ଅନୁଷ୍ଠାନରେ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସୃଷ୍ଟି କରିବାରେ ସାହାଯ୍ୟ କରିବା ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରିବା । ୧୮୮୬ ଡିସେମ୍ବର ୨୮ରେ କଲିକତାଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ 'ଉତ୍କଳ ସଭା' ତରଫରୁ ମଧୁସୂଦନ ଦାସ, ଗୋଲୋକ ଚନ୍ଦ୍ର ବୋଷ, ହରି ବଲ୍ଲଭ ବୋଷ୍ ଓ କାଳିପଦ ବାନାର୍ଜୀ ଯୋଗ ଦେଇଥିଲେ । କିନ୍ତୁ ଉତ୍କଳ ସଭାର କାର୍ଯ୍ୟ ପରିସର ଅତି ସଂକୀର୍ଣ୍ଣ ଥିଲା । ସେଥିପାଇଁ ଏକ ବୃହତ୍ତର ଜାତୀୟ ଅନୁଷ୍ଠାନ ଗଢ଼ିବା ଉଦ୍ଦେଶ୍ୟରେ ମଧୁବାବୁ ଉଦ୍ୟମ କଲେ । ବଙ୍ଗଳାରେ ସାର୍ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ନେତୃତ୍ୱରେ । ବଙ୍ଗ ଜାତୀୟ ସଭା ନାମରେ ଏକ ଅନୁଷ୍ଠାନ ଗଢ଼ା ଯାଇଥିଲା । ବଙ୍ଗଳାର ବିଭିନ୍ନ ସମସ୍ୟା ବିଚାରକରି ନିଷ୍ପତ୍ତି ନେବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହା ମଧୁବାବୁଙ୍କୁ ଉତ୍କଳ ସମ୍ମିଳନୀ ଗଠନ ପାଇଁ ପ୍ରେରଣା ଦେଇଥିଲା ।

୧୯୦୩ ମସିହା ଆରମ୍ଭରେ କେତେ ଉତ୍ସାହୀ ଓଡ଼ିଆ ଚିଲିକା ହ୍ରଦ କୂଳ ନିକଟସ୍ଥ ରମ୍ଭାଠାରେ ଏକତ୍ର ହୋଇ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ପ୍ରେରଣାରେ 'ଗଞ୍ଜାମ ଜାତୀୟ ସମିତି' ନାମରେ ଏକ ଅନୁଷ୍ଠାନ ଗଠନ କଲେ । ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କୁ ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ୟମ କରିବା ଥିଲା ଏହାର ଉଦ୍ଦେଶ୍ୟ । ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ଓଡ଼ିଶା, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡ଼େନ୍ସିର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ଜନ ସମାବେଶ "ଗଞ୍ଜାମ ଜାତୀୟ ସଭା" ଭାବେ ପରିଚିତ । ଏହି ସଭାରେ ଅଧକ୍ଷତା କରିଥିଲେ ଶ୍ୟାମ ସୁନ୍ଦର ରାଜଗୁରୁ । ମଧୁସୂଦନ ଦାସ ନିମନ୍ତ୍ରିତ ହୋଇ କଟକରୁ ଏହି ସଭାରେ ଯୋଗ ଦେଇଥିଲେ । ଏଥିରୁ ମଧୁସୂଦନ ଦାସ ଅନୁଭବ କଲେ ଯେ ବିଚ୍ଛିନ୍ନାଞ୍ଚଳ ସମୂହର ମିଶ୍ରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସମଗ୍ର ଉତ୍କଳର ପ୍ରତିନିଧିତ୍ୱ କରୁଥିବା ଏକ ବୃହତ୍ତର ଜାତୀୟ ଅନୁଷ୍ଠାନର ଏକାନ୍ତ ଆବଶ୍ୟକତା ରହିଛି । ଗଞ୍ଜାମ ଜାତୀୟ ସଭାର ସଫଳତା ମଧୁସୂଦନଙ୍କୁ ସମଗ୍ର ଓଡ଼ିଶା ପାଇଁ ଏକ ଜାତୀୟ ସଭା ଡକାଇବାକୁ ପ୍ରେରଣା ଦେଇଥିଲା । ଏହି ପଦକ୍ଷେପ ଗ୍ରହଣ କରିବାକୁ ତାଙ୍କୁ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଉତ୍ସାହିତ କରିଥିଲେ ।

**ତୁମେ ଜାଣିଛ କି ?**

*୧୯୦୩ ମସିହାରେ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଓଡ଼ିଶାର ଗୌରୀଶଙ୍କର ରାୟ ଓ ମଧୁସୂଦନ ଦାସ ଯୋଗଦେଇଥିଲେ। ମଧୁବାବୁ ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଓ ଗଞ୍ଜାମକୁ ଓଡ଼ିଶା ସହିତ ମିଶ୍ରଣ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କିନ୍ତୁ ଏହି ପ୍ରସ୍ତାବକୁ ସେଠାରେ ଗୁରୁତ୍ୱ ନ ଦିଆଯିବାରୁ ମଧୁବାବୁ ଅତ୍ୟନ୍ତ କ୍ଷୁବ୍ଧ ହୋଇ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ।*

୧୯୦୩ ମସିହାରେ ଗଡ଼ଜାତ ରାଜାମାନଙ୍କର ବାର୍ଷିକ ଅଧିବେଶନରେ ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଖଲ୍ଲିକୋଟ ରାଜା ଓ କନିକା ରାଜା ମଧୁସୂଦନଙ୍କ ବିଚାରଧାରାକୁ ଉଚ୍ଚ ପ୍ରଂଶସା କରିବା ସଙ୍ଗେ ସଙ୍ଗେ ସମର୍ଥନ ଜଣାଇ ଥିଲେ।

ଏହି କଳ୍ପନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ୧୯୦୩ ମସିହାରେ ଗଞ୍ଜାମ ଜାତୀୟ ସଭାର ଠିକ୍ ପରେ ମଧୁସୂଦନ କଟକଠାରେ 'ଉତ୍କଳ ସଭା' ଆନୁକୂଲ୍ୟରେ ଏକ ସଭା ଆହ୍ୱାନ କଲେ। ଏହି ସଭାରେ ସମଗ୍ର ଓଡ଼ିଶା ତଥା ବିଛିନ୍ନାଞ୍ଚଳ ସମୂହର ଏକତ୍ରୀକରଣ ଦିଗରେ ଉଦ୍ୟମ କରିବା ପାଇଁ ଏକ ଜାତୀୟ ଗଠନ ଅନୁଷ୍ଠାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ଜାତୀୟ ଅନୁଷ୍ଠାନର ନାମ ରଖାଗଲା 'ଉତ୍କଳ ସମ୍ମିଳନୀ'।

ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭା "ଉତ୍କଳ ସଭା"ର ଶେଷ ସଭା ଥିଲା । 'ଉତ୍କଳ ସମ୍ମିଳନୀ'ର ବିଧିବଦ୍ଧ ପ୍ରକାଶ ତଥା ପ୍ରଥମ ଅଧିବେଶନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଗଲା । ଏହି ଅଧିବେଶନର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷଭାବେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏବଂ ସମ୍ପାଦକ ଭାବେ ମଧୁସୂଦନ ଦାସ ରହିବାପାଇଁ ସ୍ଥିର କରାହେଲା। ଏହି ସମ୍ମିଳନୀ ଏକ ଅଣରାଜନୀତିକ ସଂସ୍ଥାରୂପେ କାର୍ଯ୍ୟ ଆରମ୍ଭ କଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଯଦିଓ ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଥିଲା ଏହାର ଅନ୍ୟ ଉଦ୍ଦେଶ୍ୟଗୁଡ଼ିକ ଥିଲା (୧) ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ (୨) ଓଡ଼ିଶାର ସମୁଦାୟ ବିକାଶ (୩) ସମସ୍ତ



(ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ)

ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକ-ଶାସନାଧୀନ କରିବା (୪) ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କ ସ୍ୱାର୍ଥର ସୁରକ୍ଷା । ମଧୁସୂଦନ ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କର ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସମସ୍ତେ ସମ୍ମିଳନୀ କାର୍ଯ୍ୟପନ୍ଥାକୁ ଆନ୍ତରିକ ସମର୍ଥନ କଲେ। ଉତ୍କଳ ସମ୍ମିଳନୀର ମୋଟ ୧୬ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତ୍ୟେକ ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା ।

## ପ୍ରଥମ ଅଧିବେଶନ :

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ କଟକ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମାନ୍ଦ୍ରାଜ, କେନ୍ଦ୍ରୀୟ ପ୍ରଦେଶ ଏବଂ ବଙ୍ଗଳାର ଓଡ଼ିଆ ପ୍ରତିନିଧିମାନେ ତଥା ସେହି ଅଞ୍ଚଳର ତିରିଶ ଜଣ ଗଡ଼ଜାତ ରାଜା ଯୋଗ ଦେଇଥିଲେ। ଓଡ଼ିଶାର ଖଲ୍ଲିକୋଟ, କନିକା ଓ ମୟୂରଭଞ୍ଜର ରାଜାମାନଙ୍କ ବ୍ୟତୀତ ଏହି ଅଧିବେଶନରେ ଢେଙ୍କାନାଳ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୁର, କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଦେଓ, ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ଏବଂ ତାଳଚେର ରାଜା କିଶୋର ଚନ୍ଦ୍ର ହରିଚନ୍ଦନ ଯୋଗ ଦେଇଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜର

ସ୍ୱନାମଧନ୍ୟ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଏହି ଅଧିବେଶନର ସମସ୍ତ କାର୍ଯ୍ୟକ୍ରମ ଓଡ଼ିଆ ଭାଷାରେ ପରିଚାଳିତ ହୋଇଥିଲା । ସେମାନଙ୍କ ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅନେକ ଜମିଦାର, ଆଇନଜୀବୀ, ସରକାରୀ କର୍ମଚାରୀ, ବ୍ୟବସାୟୀ ଓ ଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ । କୋଲକାତାର 'ଅମୃତବଜାର ପତ୍ରିକା'ର ସମ୍ପାଦକ ମୋତିଲାଲ ଘୋଷ ଏହି ଅଧିବେଶନରେ ଯୋଗ ଦେଇଥିଲେ। ଏହି ପ୍ରଥମ ଅଧିବେଶନରେ ଓଡ଼ିଶାର କଳା ଓ ସାହିତ୍ୟର ଉନ୍ନତି ସମ୍ପର୍କିତ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ରିସ୍‌ଲେ ସର୍କୁଲାରକୁ ଅନୁମୋଦନ କରାଯାଇଥିଲା।

**ତୁମେ ଜାଣିଛ କି ?**

***ଭାଇସ୍‌ରାୟ ଲର୍ଡ଼ କର୍ଜନଙ୍କ ସରକାରର ଗୃହ ସଚିବ ହେନେରୀ ରିସ୍‌ଲେଙ୍କ ପ୍ରସ୍ତାବ ସମ୍ବଳିତ ଦଲିଲକୁ ରିସ୍‌ଲେ ସର୍କୁଲାର କୁହାଯାଏ । ୧୯୦୩ ଡିସେମ୍ବର ୩ ତାରିଖରେ ବଙ୍ଗଳା ସରକାରଙ୍କୁ ପଠାଯାଇଥିବା ଏହି ଦଲିଲ୍‌ରେ ଓଡ଼ିଆ ଭାଷାଭାଷୀ ସମ୍ବଲପୁର ଓ ଏହାର ଗଡ଼ଜାତ ଅଞ୍ଚଳ, ଗଞ୍ଜାମ ଜିଲ୍ଲା ଏବଂ ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳକୁ ଓଡ଼ିଶା ଡିଭିଜନରେ ମିଶାଇ ବଙ୍ଗଳା ଶାସନ ଅଧୀନରେ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।***

ଉତ୍କଳ ସମ୍ମିଳନୀର ମହାସିନ୍ଧୁରେ ନିଜର ପ୍ରାଣବିନ୍ଦୁ ମିଶାଇ ଦେବାପାଇଁ ସବୁ ଓଡ଼ିଆ ଭାଇମାନଙ୍କୁ ମଧୁସୂଦନ ଦାସ ଦେଇଥିଲେ ପ୍ରାଣସ୍ପର୍ଶୀ ଆହ୍ୱାନ ।

ସେ କହିଥିଲେ ଯେ ଉତ୍କଳୀୟ କେବଳ ଓଡ଼ିଆ ଭାଷାଭାଷୀ ମାନଙ୍କୁ ବୁଝାଏ ନାହିଁ। ଓଡ଼ିଶା ଯେଉଁ ମାନଙ୍କର ଜନ୍ମଭୂମି ଓ କର୍ମଭୂମି, ସେମାନେ ସମସ୍ତେ ଉତ୍କଳୀୟ। ତେଣୁ ଭାଷାଗତ ପାର୍ଥକ୍ୟ ବା ସାମ୍ପ୍ରଦାୟିକ ବିଦ୍ୱେଷ ଭାବ ଭୁଲି ଉତ୍କଳର ଉନ୍ନତି ପାଇଁ ସମସ୍ତ ଉତ୍କଳବାସୀ ଏକଜୁଟ ହେବା ଆବଶ୍ୟକ। ଏଥିପାଇଁ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ ।ଏହି ପ୍ରସ୍ତାବଟିକୁ ଅନୁମୋଦନ କରି ମଧୁସୂଦନ ମାତୃ ସେବାରେ ବ୍ରତୀ ହୋଇ ଆତ୍ମଗର୍ବ ଓ ସ୍ୱାର୍ଥପରତା ତ୍ୟାଗ କରିବାପାଇଁ ଉତ୍କଳୀୟମାନଙ୍କୁ ଆହ୍ୱାନ ଦେଇଥିଲେ । ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ଉତ୍କଳ ସମ୍ମିଳନୀର ଶାଖା ପ୍ରତିଷ୍ଠାକରି ପ୍ରଚାରକମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ।

**ତୁମେ ଜାଣିଛ କି ?**

***ଏହି ଅଧିବେଶନରେ ଯୋଗ ଦେଇଥିବା ସମସ୍ତ ପ୍ରତିନିଧିଙ୍କୁ ମଧୁସୂଦନଙ୍କ କଳ୍ପନା ପ୍ରସୂତ ଗୋଲାପୀ ରଙ୍ଗ ସିଲ୍କ କନାର ଭାରତୀୟ ପଗଡ଼ି ପିନ୍ଧିବାକୁ ବାଧ କରାଯାଇଥିଲା । ଓଡ଼ିଆମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ 'ବନ୍ଦେ ଉତ୍କଳ ଜନନୀ' ସ୍ଲୋଗାନ୍ ଦିଆଯାଇଥିଲା । ଅଧିବେଶନରେ ସଭାପତିତ୍ୱ କରୁଥିବା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ସମବେତ ସାଧାରଣ ଜନତାଙ୍କୁ "ପ୍ରିୟ ଭାଇମାନେ" ବୋଲି ସମ୍ବୋଧନ କରି ଇତିହାସ ସୃଷ୍ଟି କଲେ ।***

ଏହା ପରଠାରୁ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଓଡ଼ିଆ ଆନ୍ଦୋଳନକୁ ସକ୍ରିୟ କରିଥିଲା। ୧୯୧୨ ମସିହା ଏପ୍ରିଲ୍ ୬ ଓ ୭ ରେ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ବିହାର–ଓଡ଼ିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ। ୧୯୧୪ ଡିସେମ୍ବର ୨୬ ଓ ୨୭ରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଥିଲା। ମଞ୍ଜୁଷାର ରାଜା ବିକ୍ରମଦେବ ବର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟଥିଲା ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ସୀମା ନିର୍ଦ୍ଧାରଣ। ୧୯୧୭ ଡିସେମ୍ବର ୧୧ରେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ମଣ୍ଟେଗୁ–ଚେମ୍‌ସଫୋର୍ଡ଼ଙ୍କୁ କଲିକତାଠାରେ ଏକ ଦାବିପତ୍ର ଦିଆଯାଇଥିଲା । ମଣ୍ଟେଗୁ–ଚେମ୍‌ସଫୋର୍ଡ଼ ଖସଡ଼ାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ କୌଣସି ଯୋଜନା ଉଲ୍ଲେଖ କରାଯାଇ ନଥିବାରୁ ୧୯୧୮ ଡିସେମ୍ବରରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ଏହାର ଦୃଢ଼ ନିନ୍ଦା କରାଯାଇଥିଲା ।


୧୯୨୦ ମସିହାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ନିଖିଳ ଭାରତ ଜାତୀୟ କଂଗ୍ରେସ ବ୍ରିଟିଶ ସରକାରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଚଳାଇବା ପାଇଁ

ସ୍ଥିରକଲା ଏବଂ ୧୯୨୧ ଠାରୁ ଅସହଯୋଗ ଆନ୍ଦୋଳନ ସାରା ଭାରତରେ ଜୋର ସୋରରେ ଚାଲିଲା। ସେତେବେଳେ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରଭୃତି କଂଗ୍ରେସ ନେତାମାନେ ଭାବିଲେ ଅସହଯୋଗ ଆନ୍ଦୋଳନ ଦ୍ୱାରା ହିଁ ଉତ୍କଳ ସମ୍ମିଳନୀର ମୂଳ ଲକ୍ଷ୍ୟ, ଅର୍ଥାତ ବିଚ୍ଛିନ୍ନାଞ୍ଚଳ ସମୂହର ମିଶ୍ରଣ ଓ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇ ପାରିବ। ୧୯୨୦ ମସିହାରେ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିନେଲା। ଏହା ଫଳରେ ଉତ୍କଳ ସମ୍ମିଳନୀ ଏକ ପ୍ରକାର କଂଗ୍ରେସ ସହିତ ମିଶିଗଲା ଓ ଏହାର ସ୍ୱତନ୍ତ୍ର ସତ୍ତା ଲୋପ ପାଇଲା। ମଧୁବାବୁ ଅସହଯୋଗ ଆନ୍ଦୋଳନର ବିରୋଧୀ ଥିଲେ, ତେଣୁ ସେ ଉତ୍କଳ ସମ୍ମିଳନୀ ସହ ସମସ୍ତ ସମ୍ପର୍କ ତୁଟାଇ ଦେଲେ।

ଉତ୍କଳ ସମ୍ମିଳନୀର କଂଗ୍ରେସ ସହିତ ମିଶ୍ରଣକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ଉଦ୍ୟମରେ ୧୯୨୪ ରେ ଉତ୍କଳ ସମ୍ମିଳନୀକୁ ପୁନର୍ବାର ସଂଗଠିତ କରାଗଲା। ୧୯୨୫ରେ କଟକରେ କଳ୍ପତରୁ ଦାସଙ୍କ ସଭାପତିତ୍ୱରେ ସମ୍ମିଳନୀର ଅଧିବେଶନ ବସିଥିଲା। ଏହାପରେ ବିଭିନ୍ନ ଶାସନ ସଂସ୍କାର କମିଟିମାନଙ୍କୁ ଉତ୍କଳ ସମ୍ମିଳନୀ ତରଫରୁ ସ୍ମାରକପତ୍ର ମାନ ଦିଆଯାଇଥିଲା ଏବଂ ବିଭିନ୍ନ ସୀମା କମିଟି ଉତ୍କଳ ସମ୍ମିଳନୀ ତା'ର ଦାବିପତ୍ର ଦାଖଲ କରିଥିଲା।

| ତୁମ ପାଇଁ କାମ |
|---|
| *ଉତ୍କଳ ସମ୍ମିଳନୀର ବର୍ତ୍ତମାନର ରୂପରେଖ ସମ୍ବନ୍ଧରେ ଏକ ଟିପ୍ପଣୀ ଲେଖ ।* |

ଆଧୁନିକ ଉତ୍କଳ ନିର୍ମାଣରେ ଉତ୍କଳ ସମ୍ମିଳନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମଧୁବାବୁ ଥିଲେ ଉତ୍କଳ ସମ୍ମିଳନୀର ପ୍ରାଣ। କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶା ଏକ



**(ନବଗଠିତ ଓଡ଼ିଶାର ଏକ ରେଖାଚିତ୍ର (୧୯୩୬))**

ସ୍ୱତନ୍ତ୍ର ପ୍ରଦେଶ ହେବା ଆଗରୁ ୧୯୩୪ ମସିହା ଫେବୃୟାରୀ ୪ ତାରିଖରେ ମଧୁବାବୁ ପ୍ରାଣତ୍ୟାଗ କରିଥିଲେ । ଉତ୍କଳ ସମ୍ମିଳନୀର ଶେଷ ବୈଠକ ୧୯୩୫ ଫେବୃୟାରୀ ୧୧ ତାରିଖରେ କଟକ ଠାରେ ବସିଥିଲା। ସମ୍ମିଳନୀର ପ୍ରତିଷ୍ଠାତା ମଧୁସୂଦନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଗ୍ରହଣ କରିବାପରେ ଏହି ବୈଠକରେ ପାରଳାଖେମୁଣ୍ଡିର ଉତ୍ତର ତଥା ପୂର୍ବ ଅଂଶ ମଣ୍ଡାସା (ମଞ୍ଜୁଷା)ର ପଶ୍ଚିମ ଅଂଶ ଓ ବୁଢ଼ାର ସିଂହ ଜମିଦାରୀ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଓଡ଼ିଶା ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଶେଷରେ ୧୯୩୬ ଏପ୍ରିଲ ୧ ତାରିଖରୁ ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ଗଠିତ ହେଲା ଏବଂ ମଧୁବାବୁଙ୍କ ସ୍ୱପ୍ନ ସାକାର ହେଲା।

| ତୁମେ ଜାଣିଛ କି ? |
|---|
| *ଓଡ଼ିଶାରେ ଶିଳ୍ପ ଓ ଶିକ୍ଷାର ବିକାଶ ପ୍ରତି ମଧୁବାବୁଙ୍କ ଅବଦାନର ବିବରଣୀ ପ୍ରସ୍ତୁତ କର ।* |

❖ ❖ ❖

# ପ୍ରଶ୍ନାବଳୀ

୧. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) 'ଉତ୍କଳ ସଭା' ସମ୍ପର୍କରେ ଏକ ଟିପ୍‌ପଣୀ ଲେଖ ?

(ଖ) ଉତ୍କଳ ସମ୍ମିଳନୀ କିପରି ଜନ୍ମ ଲାଭ କଲା ?

(ଗ) ଉତ୍କଳ ସମ୍ମିଳନୀର ଗଠନରେ କେଉଁ ଗଡ଼ଜାତ ରାଜାମାନେ ମଧୁସୂଦନଙ୍କୁ ସକ୍ରିୟ ସହଯୋଗ କରିଥିଲେ ?

(ଘ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କେଉଁ ଅଞ୍ଚଳର ଓ କେଉଁ ବର୍ଗର ସାଧାରଣ ଲୋକ ଯୋଗ ଦେଇଥିଲେ ଏବଂ ଏଠାରେ ମଧୁସୂଦନ କ'ଣ ଆହ୍ୱାନ ଦେଇଥିଲେ ?

(ଙ) ମଧୁସୂଦନ କାହିଁକି ଉତ୍କଳ ସମ୍ମିଳନୀ ତ୍ୟାଗ କଲେ ଏବଂ ପୁନଃସଂଗଠିତ ଉତ୍କଳ ସମ୍ମିଳନୀର କାର୍ଯ୍ୟ କ'ଣ ଥିଲା ?

୨. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) କେଉଁଠାରେ ଏବଂ କାହା ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ?

(ଖ) ମଧୁବାବୁ କ'ଣ ପାଇଁ ଏକ ବୃହତ୍ ଜାତୀୟ ଅନୁଷ୍ଠାନର ଆବଶ୍ୟକତା ଅନୁଭବ କଲେ ?

(ଗ) ୧୯୦୩ରେ କେଉଁଠାରେ 'ଉତ୍କଳ ସଭା'ର ଏକ ସଭା ଆହୂତ ହୋଇଥିଲା ଏବଂ ଏଠାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ?

(ଘ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପାଇଁ କେଉଁମାନେ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ ?

(ଙ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଚ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଖଲ୍ଲିକୋଟ, କନିକା ଓ ମୟୂରଭଞ୍ଜର ରାଜାଙ୍କ ବ୍ୟତୀତ ଅନ୍ୟ କେଉଁ ରାଜାମାନେ ଯୋଗ ଦେଇଥିଲେ ?

(ଛ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ କ'ଣ ଅନୁମୋଦିତ ହୋଇଥିଲା ?

(ଜ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଠାରେ ମଧୁସୂଦନ ସରକାରଙ୍କ କେଉଁ ନିଷ୍ପତ୍ତିକୁ ବିରୋଧ କରିଥିଲେ ?

(ଝ) ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଞ) ୧୯୨୫ରେ ଉତ୍କଳ ସମ୍ମିଳନୀର ଅଧିବେଶନ କେଉଁଠାରେ ଏବଂ କାହା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ?

୩. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କାହା ନେତୃତ୍ୱରେ 'ବଙ୍ଗ ଜାତୀୟ ସଭା' ଗଠିତ ହୋଇଥିଲା ?

(ଖ) ଗଞ୍ଜାମ ଜାତୀୟ ସମିତିର ଉଦ୍ଦେଶ୍ୟ କ'ଣ ଥିଲା ?

(ଗ) ବୈକୁଣ୍ଠ ନାଥ ଦେ କେଉଁ ଅଞ୍ଚଳର ବ୍ୟକ୍ତି ଥିଲେ ?

(ଘ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ କେବେ ଅନୁଷ୍ଠିତ ହୋଇଥିଲା ?

(ଙ) ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ କିଏ ଅଧ୍ୟକ୍ଷତା କରିଥିଲେ ?

(ଚ) ୧୯୨୦ରେ ଉତ୍କଳ ସମ୍ମିଳନୀର ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଛ) କେବେ ଉତ୍କଳ ସମ୍ମିଳନୀକୁ ପୁନର୍ବାର ସଂଗଠିତ କରାଯାଇଥିଲା ?

(ଜ) ମଧୁସୂଦନ କେବେ ପ୍ରାଣତ୍ୟାଗ କରିଥିଲେ ?

(ଝ) କେଉଁଦିନ ଉତ୍କଳ ସମ୍ମିଳନୀର ଶେଷ ବୈଠକ ବସିଥିଲା ?

(ଞ) ଓଡ଼ିଶା କେବେଠାରୁ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) କେଉଁଟି ଓଡ଼ିଶାର ପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ ?

(i) ଗଞ୍ଜାମ ଜାତୀୟ ସମିତି (ii) ଉତ୍କଳ ସଭା

iii) ଗଞ୍ଜାମ ଜାତୀୟ ସଭା (iv) ଉତ୍କଳ ସମ୍ମିଳନୀ

(ଖ) କିଶୋର ଚନ୍ଦ୍ର ହରିଚନ୍ଦନ କେଉଁ ଗଡ଼ଜାତର ରାଜା ଥିଲେ ?

(i) ଢେଙ୍କାନାଳ (ii) ତାଳଚେର

(iii) ଆଠଗଡ଼ (iv) କେନ୍ଦୁଝର

(ଗ) 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(i) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ii) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

(iii) ଶ୍ରୀରାମ ଚନ୍ଦ୍ର ଭଞ୍ଜ (iv) ହରିହର ମର୍ଦ୍ଦରାଜ

(ଘ) 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ କେଉଁ ଭାଷାରେ ପରିଚାଳିତ ହୋଇଥିଲା ?

(i) ଇଂରାଜୀ (ii) ଓଡ଼ିଆ (iii) ବଙ୍ଗାଳୀ (iv) ହିନ୍ଦୀ

(ଙ) 'ଉତ୍କଳ ସମ୍ମିଳନୀ' ତରଫରୁ ମଣ୍ଟେଗୁ ଓ ଚେମ୍ସ୍‌ଫୋର୍ଡ଼ଙ୍କୁ କେବେ ଦାବି ପତ୍ର ଦିଆଯାଇଥିଲା ?

(i) ୧୯୧୨ (ii) ୧୯୧୪

(iii) ୧୯୧୭ (iv) ୧୯୧୮

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

## ତୃତୀୟ ପାଠ

# ୧୯୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ

ଜାତିପ୍ରେମ ପ୍ରତ୍ୟେକ ମନୁଷ୍ୟର ଏକ ସ୍ୱାଭାବିକ ପ୍ରବୃତ୍ତି । ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ଏହା ପ୍ରକାଶିତ ଓ ବିକଶିତ ହୋଇଥାଏ । ଓଡ଼ିଆମାନଙ୍କ ମଧ୍ୟରେ ଏହି ଜାତିପ୍ରୀତି ଲୁକ୍‌କାୟିତ ଅବସ୍ଥାରେ ଥିଲା; କିନ୍ତୁ ୧୮୬୬ ମସିହା ନ'ଅଙ୍କ ଦୁର୍ଭିକ୍ଷ ପରେ ପରିସ୍ଥିତି ବଦଳିଗଲା । ଏହି ଦୁର୍ଭିକ୍ଷ ଓଡ଼ିଶାବାସୀଙ୍କ ପାଇଁ ଆଣିଥିଲା ନିଦାରୁଣ ବିପର୍ଯ୍ୟୟ । ଏହି ଦୁର୍ଭିକ୍ଷ ପାଇଁ ବଙ୍ଗଳା ସରକାର ଦାୟୀ ବୋଲି ବ୍ରିଟିଶ ପାର୍ଲାମେଣ୍ଟର ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ସ୍ ଷ୍ଟାଫୋର୍ଡ଼ ନର୍ଥକୋଟ୍ ଦର୍ଶାଇଥିଲେ । ତେଣୁ ବହୁ ବର୍ଷଧରି ଅବହେଳିତ ହୋଇ ଆସୁଥିବା ଓଡ଼ିଶା ପ୍ରତି ଇଂରେଜ ସରକାରଙ୍କ କିଛି କୃପାଦୃଷ୍ଟି ପଡ଼ିଥିଲା ଓ ଏହାର ଉନ୍ନତି ନିମନ୍ତେ ମଧ୍ୟ କିଛିଟା ପ୍ରୟାସ କରାଯାଇଥିଲା । ଏହି ପୃଷ୍ଠଭୂମିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ କରିବାର ପ୍ରୟାସ ମଧ୍ୟ ତ୍ୱରାନ୍ୱିତ କରାଯାଇଥିଲା ।

### ଓଡ଼ିଶାର ଭୌଗୋଳିକ ସ୍ଥିତି :

ଊନବିଂଶ ଶତାବ୍ଦୀରେ ଓଡ଼ିଶା ଛିନ୍ନ ଭିନ୍ନ ଅବସ୍ଥାରେ ଥିଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ମୁଖ୍ୟତଃ ବାଲେଶ୍ୱର, କଟକ ଓ ପୁରୀ ଇଂରେଜ ଶାସନାଧୀନ ହୋଇଥିଲା । ଏହାଛଡ଼ା ଓଡ଼ିଶାର ଗଡ଼ଜାତ ରାଜ୍ୟ ଗୁଡ଼ିକ ମଧ୍ୟ ଇଂରେଜ ମାନଙ୍କୁ କର ପ୍ରଦାନ କରୁଥିଲେ । ଓଡ଼ିଶାର ଗଞ୍ଜାମ ଜିଲ୍ଲାକୁ ୧୭୫୯ ମସିହାରେ ଇଂରେଜମାନେ ଅଧିକାର କରି ଦକ୍ଷିଣରେ ମାଡ୍ରାସ ପ୍ରେସିଡେନ୍‌ସିରେ ମିଶାଇଥିଲେ । ୧୮୪୯ ମସିହାରେ ସମ୍ବଲପୁର ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ ମଧ୍ୟପ୍ରଦେଶର ଅଂଶବିଶେଷ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମେଦିନିପୁର, ବଙ୍ଗ ପ୍ରେସିଡେନ୍‌ସିରେ ମିଶି ରହିଥିବା ବେଳେ ସିଂହଭୂମି ଥିଲା ବିହାରର ଛୋଟନାଗପୁର ଅଧୀନରେ । ଏହିପରି ଭାବରେ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ରହିଥିଲା । ଏହା ଓଡ଼ିଆ ଜାତିର ସ୍ୱାଭିମାନକୁ ପ୍ରଚଣ୍ଡ ଆଘାତ ଦେଇଥିଲା । ତେଣୁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଏହି ବିକ୍ଷିପ୍ତ ଅଞ୍ଚଳ ଗୁଡ଼ିକର ଏକତ୍ରୀକରଣ ନିମନ୍ତେ ଦେଖା ଦେଇଥିଲା ନିଷ୍ପାପର ପ୍ରଚେଷ୍ଟା ଓ ଉଦ୍ୟମ ।

### ଭାଷା ଆନ୍ଦୋଳନ :

ଓଡ଼ିଆ ଭାଷା ଆନ୍ଦୋଳନ ଓଡ଼ିଆ ଜାତୀୟତାର ଜନନୀ କହିଲେ ଅତ୍ୟୁକ୍ତି ହେବ ନାହିଁ; କାରଣ ଓଡ଼ିଶାବାସୀ ତାଙ୍କର ଜାତୀୟ ଆନ୍ଦୋଳନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆରମ୍ଭ କରିଥିଲେ । ଓଡ଼ିଶାରେ ଓଡ଼ିଆ ଭାଷାକୁ ବିଲୋପ କରିଦେବାକୁ ଚକ୍ରାନ୍ତ କରାଯାଇଥିଲା । ୧୮୪୯ ମସିହାରେ କଟକର ତତ୍‌କାଳୀନ କଲେକ୍ଟର ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବରେ ସ୍ୱୀକୃତି ପ୍ରଦାନ କରିଥିଲେ । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ମତ ପ୍ରଚାରିତ ହୋଇଥିଲା । ବଙ୍ଗର ବିଶିଷ୍ଟ ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର ଏହି ମତକୁ ସମର୍ଥନ କରିଥିଲେ । ମାତ୍ର ବିଖ୍ୟାତ ଭାଷାବିତ୍ ଜନ୍ ବିମ୍‌ସ୍, ଓଡ଼ିଶାର ଗଭର୍ଣ୍ଣର ଗୋଲ୍ଡସବରୀ ଏବଂ ବଙ୍ଗର ଜଣେ ପ୍ରସିଦ୍ଧ ଲେଖକ ବାସୁଦେବ ମୁଖୋପାଧ୍ୟାୟ ଏହି ମତକୁ ଗ୍ରହଣ କରି ନ ଥିଲେ ।

ଏହି ବିବାଦ ବିଭିନ୍ନ ସଭାସମିତିରେ ଚର୍ଚ୍ଚିତ ହେବା ସହିତ ବହୁ ପତ୍ର ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା । ଓଡ଼ିଆ ଭାଷାପ୍ରତି ଅନୁରକ୍ତ ଥିବା ବିଦ୍ୱାନମାନେ ଏହି ମତକୁ ଖଣ୍ଡନ କରିଥିଲେ । 'ଉତ୍କଳ ସଭା' ସଂଗଠନ ଏବଂ 'ଉତ୍କଳ ଦୀପିକା' ଓ 'ସମ୍ବାଦ ବାହିକା' ଆଦି ଖବର କାଗଜ ମାଧ୍ୟମରେ ଏହି ମତ ବିରୋଧରେ ମନ୍ତବ୍ୟ ପ୍ରକାଶ ପାଇଲା । କଟକରେ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ପ୍ରିଣ୍ଟିଂ ପ୍ରେସର ସ୍ଥାପନା ଫଳରେ ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରସାର ପାଇଁ ସୁଯୋଗ ମିଳିଲା । ଏହା ୧୮୬୬ରେ ଗୌରୀଶଙ୍କର ରାୟଙ୍କ ସଂପାଦନାରେ 'ଉତ୍କଳଦୀପିକା'ର ପ୍ରକାଶ ପାଇଁ ଭିତ୍ତି ପ୍ରସ୍ତୁତ କରିଥିଲା । ବାଲେଶ୍ୱରରେ ଫକୀରମୋହନ ସେନାପତି ଏବଂ ଶ୍ୟାମାନନ୍ଦ ଦେଙ୍କ ଦ୍ୱାରା ସ୍ଥାପିତ ଦୁଇଟି ଛାପାଖାନା 'ସମ୍ବାଦ ବାହିକା' ଓ

'ଉତ୍କଳ ଦର୍ପଣ' ନାମକ ଦୁଇଟି ଖବର କାଗଜର ପ୍ରକାଶ ଏଥି ନିମିତ୍ତ ସହାୟକ ହୋଇଥିଲା।

ଓଡ଼ିଆ ଭାଷା ବିରୋଧୀ ମନ୍ତବ୍ୟକୁ ତୀବ୍ର ବିରୋଧ କରିଥିଲେ ବ୍ୟାସକବି ଫକୀରମୋହନ ସେନାପତି ଓ କବିବର ରାଧାନାଥ ରାୟ। ଓଡ଼ିଆ ଭାଷାର ସ୍ୱତନ୍ତ୍ରତାକୁ ଓ ଓଡ଼ିଆମାନଙ୍କ ମଧ୍ୟରେ ଭାତୃତ୍ୱ ଭାବକୁ ବଜାୟ ରଖିବା ପାଇଁ ୧୮୭୬ ମସିହାରେ କଟକଠାରେ ଗଠିତ ହେଲା 'ଉତ୍କଳ ସଭା'। ଗଞ୍ଜାମବାସୀ 'ଗଞ୍ଜାମ ଉତ୍କଳ ହିତବାଦିନୀ ସଭା' ସ୍ଥାପନ କରି ଓଡ଼ିଆ ଭାଷା ଆନ୍ଦୋଳନକୁ ବଳବତ୍ତର କରିଥିଲେ। ସେମାନେ ଗଞ୍ଜାମକୁ ମାନ୍ଦ୍ରାଜ ପ୍ରେସିଡେନ୍‌ସିରୁ ଅଲଗା କରିବା ପାଇଁ ଦାବି ଜଣାଇଥିଲେ। ୧୮୮୮ରେ ବଙ୍ଗର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର ଏସ.ସି.ବେଲି ଓଡ଼ିଶା ଭ୍ରମଣରେ ଆସିଥିଲା ବେଳେ ତାଙ୍କୁ କଟକଠାରେ ଉତ୍କଳ ସଭା ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇ ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଏବଂ ବଙ୍ଗରେ ମିଶିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଅଲଗା କରିଦେବା ପାଇଁ ଦାବି କରାଯାଇଥିଲା। ମାତ୍ର ଓଡ଼ିଶାର ଦୁର୍ଭାଗ୍ୟକୁ ବେଲି ସମସ୍ତ ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ।



(ମଧୁବାବୁ)

୧୮୯୫ ଜାନୁୟାରୀ ୧୫ରେ କେନ୍ଦ୍ରୀୟପ୍ରଦେଶର ମୁଖ୍ୟ କମିଶନର ସାର ଆଣ୍ଡ୍ରୁଫ୍ରେଜର ସମ୍ବଲପୁର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କରିଥିଲେ। ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ



(ନୀଳମଣି ବିଦ୍ୟାରତ୍ନ)

ଆତ୍ମପ୍ରକାଶ କରୁଥିବା 'ସମ୍ବଲପୁର ହିତୈଷିଣୀ'ରେ ଇଂରେଜ ସରକାରଙ୍କର ଏହି ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା। ନୀଳମଣିଙ୍କୁ ସ୍ୱଭାବ କବି ଗଙ୍ଗାଧର ମେହେର ଅଭିନନ୍ଦନ ଜଣାଇଥିଲେ । ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହାର ନେତୃତ୍ୱ ନେଇଥିଲେ ଧରଣୀଧର ମିଶ୍ର, ମଦନମୋହନ ମିଶ୍ର, ବ୍ରଜମୋହନ ପଟ୍ଟନାୟକ ଓ ବଳଭଦ୍ର ସୂପକାର। ସମ୍ବଲପୁରର ବହୁ ନେତୃସ୍ଥାନୀୟ ବ୍ୟକ୍ତି ୧୯୦୧ ମସିହା ଅଗଷ୍ଟ ମାସରେ ସିମଳାଠାରେ ଲର୍ଡ଼ କର୍ଜନଙ୍କୁ ସ୍ମାରକ ପତ୍ର ଦେଇଥିଲେ। ସେମାନଙ୍କର ଦାବିକୁ ସହୃଦୟତାର ସହ ବିଚାର କରିବା ପାଇଁ ଲର୍ଡ଼ କର୍ଜନ ଆଣ୍ଡ୍ରୁ ଫ୍ରେଜରଙ୍କୁ ପତ୍ର ଲେଖିଥିଲେ। ସମ୍ବଲପୁର ବାସୀଙ୍କ ଏହି ଆନ୍ଦୋଳନକୁ ଓଡ଼ିଶାର ଅନ୍ୟ ଅଞ୍ଚଳଗୁଡ଼ିକର ବିଶେଷ କରି ଉପକୂଳବର୍ତ୍ତୀ ଅଞ୍ଚଳର ନାଗରିକମାନେ ସକ୍ରିୟ ସମର୍ଥନ ଦେଇଥିଲେ ।

ମଧୁସୂଦନ ଦାସ ସିମଳା ଯାଇ ଭାରତର ବଡ଼ଲାଟ ଲର୍ଡ କର୍ଜନଙ୍କ ସମ୍ମୁଖରେ ବିଖଣ୍ଡିତ ତଥା ପରିଚୟ ବିହୀନ ଓଡ଼ିଆ ଜାତିର କଷ୍ଟକୁ ଅତ୍ୟନ୍ତ ମାର୍ମିକଭାବରେ ଉପସ୍ଥାପିତ କରିଥିଲେ। ମଧୁବାବୁ ଲର୍ଡ଼ କର୍ଜନଙ୍କୁ ପ୍ରଭାବିତ କରି ଓଡ଼ିଶା ଗସ୍ତରେ ଆଣିଥିଲେ। ଲର୍ଡ଼ କର୍ଜନ ଓଡ଼ିଶାର କଳା ଓ ସ୍ଥାପତ୍ୟରେ ମୁଗ୍ଧହୋଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣର ଆବଶ୍ୟକତାକୁ ହୃଦବୋଧ କରିଥିଲେ। ଏହା ଫଳରେ ୧୯୦୩ ଜାନୁୟାରୀ ୧ ତାରିଖରୁ ପୁନର୍ବାର ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହୋଇଥିଲା। ଏହାଥିଲା ଓଡ଼ିଆ ଆନ୍ଦୋଳନର ପ୍ରଥମ ବିଜୟ।

ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳିତ ହେବା ପରେ ଓଡ଼ିଆମାନଙ୍କ ମଧ୍ୟରେ ଅପୂର୍ବ ଜାଗରଣ ଦେଖାଦେଇଥିଲା ।



**(ଲର୍ଡ୍ କର୍ଜନ)**

୧୯୦୩ ଡିସେମ୍ବର ୩ ତାରିଖରେ ଭାରତ ସରକାରଙ୍କ ଘରୋଇ ସଚିବ ହେନେରୀ ରିସଲେ 'ରିସଲେ ସର୍କୁଲାର' (Risley Circular) ପ୍ରକାଶ କରିଥିଲେ । ମଧ୍ୟପ୍ରଦେଶ ସରକାର ଏହି ସର୍କୁଲାରକୁ ମାନି ନେଇଥିଲେ । ଫଳ ସ୍ୱରୂପ ୧୯୦୫ ଜୁଲାଇ ୧୯ ତାରିଖରେ ସମ୍ବଲପୁରକୁ କେନ୍ଦ୍ରୀୟ ପ୍ରଦେଶରୁ ପୃଥକ୍ କରି ଓଡ଼ିଶା ଡିଭିଜନର ଅନ୍ତର୍ଭୁକ୍ତ କରାଗଲା । ସମ୍ବଲପୁର ସହିତ ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ କେନ୍ଦ୍ରୀୟ ପ୍ରଦେଶରୁ ଏବଂ ଗାଙ୍ଗପୁର ଓ ବଣେଇ ଛୋଟନାଗପୁରରୁ ଆସି ଓଡ଼ିଶା ଡିଭିଜନ ସହିତ ମିଶିଥିଲା । ଏହା ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରଥମ ସଫଳ ପ୍ରୟାସ ।

ମାନ୍ଦ୍ରାଜ ସରକାର ଏବଂ ଗଭର୍ଣ୍ଣର ଲର୍ଡ ଆମ୍ପଥିଲଙ୍କର ତୁରନ୍ତ ପ୍ରତିରୋଧ ଯୋଗୁ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧୀନରେ ଥିବା ଦକ୍ଷିଣ ଓଡ଼ିଶାର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ସମ୍ଭବପର ହୋଇ ନଥିଲା । ଏହି ପରିପ୍ରେକ୍ଷୀରେ ପୂର୍ବରୁ ୧୯୦୪ ଜାନୁୟାରୀ ୫ରେ ଲର୍ଡକର୍ଜନ, ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଲେଖି ଜଣାଇଥିଲେ ଯେ ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ଏକ ଦୃଢ଼ ସିଦ୍ଧାନ୍ତ ଉପରେ ଆଧାରିତ । ଏହାର ଉତ୍ତରରେ ୧୯୦୪ ଜୁନ୍ ୨୦ରେ ମାନ୍ଦ୍ରାଜର ଚିଫ୍ ସେକ୍ରେଟାରୀ ଏମ୍. ହାମରିକ ଭାରତ ସରକାରଙ୍କୁ ଲେଖିଥିଲେ ଯେ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ବିଭିନ୍ନ ଜାତିମାନଙ୍କର ଅବସ୍ଥାନ ଯୋଗୁଁ କେବଳ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ଏକ ଭୌଗୋଳିକ ପରିସରରେ ବାସ କରୁଥିବା ବିଭିନ୍ନ ଭାଷାଭାଷୀ ଜନଗୋଷ୍ଠୀ ମଧ୍ୟରେ ଗଭୀର ସମସ୍ୟାମାନ ସୃଷ୍ଟି କରିବ ।

ପୂର୍ଣ୍ଣାଙ୍ଗ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ ତା'ର ଆନ୍ଦୋଳନ ଜାରି ରଖିଲା । ପ୍ରକୃତରେ ଏହି ସଂଗଠନ ଓଡ଼ିଆ ଆନ୍ଦୋଳନକୁ ଅଧିକ ସକ୍ରିୟ କରିଥିଲା ଏବଂ ଆନ୍ଦୋଳନର ଲକ୍ଷ୍ୟ ହାସଲ ଦିଗରେ ଆଗେଇ ନେଇଥିଲା । ମଧୁବାବୁ ୧୯୦୭ରେ ଇଂଲଣ୍ଡ ଯାତ୍ରାକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ନିମନ୍ତେ ଭାରତ ଶାସନ ସହିତ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ପ୍ରବର୍ତ୍ତାଇଥିଲେ । ବିହାର ଓଡ଼ିଶା ପ୍ରାଦେଶିକ ଲେଜିସ୍‌ଲେଟିଭ କାଉନସିଲର ସଭ୍ୟ ଭାବେ ସେ ବାରମ୍ବାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଯୁକ୍ତି ବାଢ଼ିଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ବିଭିନ୍ନ ସ୍ଥାନରେ ଆନ୍ଦୋଳନର ସୂତ୍ରପାତ ହେଲା । ୧୯୧୧ ମସିହା ଜାନୁୟାରୀ ମାସରେ ଖଲ୍ଲିକୋଟରେ ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ନିମନ୍ତେ ଆନ୍ଦୋଳନ ଆରମ୍ଭ ହେଲା । ଗଞ୍ଜାମର ଓଡ଼ିଆ ସମାଜର ପ୍ରତିନିଧି ଦଳ ମାନ୍ଦ୍ରାଜ ସରକାରଙ୍କୁ ଭେଟି ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଦାବି କଲେ । ବାଲେଶ୍ୱରରେ ମଧ୍ୟ ଉତ୍କଳ ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୯୧୧ରେ ଲର୍ଡ୍ ହାର୍ଡିଞ୍ଜ ପୂର୍ବାଞ୍ଚଳରାଜ୍ୟର ସୀମା ପରିବର୍ତ୍ତନ କରିବା ପାଇଁ ଘୋଷଣା କଲେ । କୋଲ୍‌କାତାରେ ବଙ୍ଗବିଭାଜନ ବିରୋଧରେ ଅରବିନ୍ଦ ଘୋଷଙ୍କର 'ବନ୍ଦେମାତରମ୍' ଆନ୍ଦୋଳନ ସରକାରଙ୍କୁ ରାଜଧାନୀ କୋଲ୍‌କାତାରୁ ସ୍ଥାନାନ୍ତରିତ କରି ଦିଲ୍ଲୀ ନେଇଯିବାକୁ ବାଧ୍ୟ କରିଥିଲା । ୧୯୧୧ ଡିସେମ୍ବର ୨୭ ତାରିଖରେ ଇଂରେଜ ସରକାର ବଙ୍ଗ ପ୍ରେସିଡେନ୍‌ସିକୁ ଭାଗ ଭାଗ କରି ଦେଲେ । ୧୯୧୨ ଅଗଷ୍ଟ ୧ ତାରିଖରେ ଗଠିତ ହେଲା ବିହାର-ଓଡ଼ିଶା ନାମକ ଏକ ନୂତନ ପ୍ରଦେଶ । ମାତ୍ର ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ପ୍ରଶ୍ନକୁ ଏଡ଼ାଇ ଦିଆଗଲା ।

**ତୁମ ପାଇଁ କାମ**

*"ବନ୍ଦେ ମାତରମ୍" କିଏ ଏବଂ କେଉଁ ପରିସ୍ଥିତିରେ ଲେଖିଥିଲେ ? ତାଙ୍କ ବିଷୟରେ ଏକ ଟିପ୍‌ପଣୀ ଲେଖ ।*

ଇଂରେଜ ସରକାର ଯୁକ୍ତି କରିଥିଲେ ଯେ ବଙ୍ଗଳା ଭାଷା ଓ ସଂସ୍କୃତି ସହିତ ଓଡ଼ିଆମାନଙ୍କର କୌଣସି ସାମଞ୍ଜସ୍ୟ ନଥିବାରୁ ସେମାନଙ୍କ ଅଞ୍ଚଳକୁ ବିହାର ସହିତ ମିଶାଇ ଦିଆଗଲା । ମାତ୍ର ଏହା ଓଡ଼ିଆମାନଙ୍କର ସମସ୍ୟାକୁ କୌଣସି ଦୃଷ୍ଟିରୁ ସମାଧାନ କରିନଥିଲା । ବରଂ ଜଟିଳରୁ ଜଟିଳତର କରିଥିଲା । ଲର୍ଡ଼ କର୍ଜନ ମଧ୍ୟ ଏହି ପଦକ୍ଷେପର ବିଫଳତାକୁ ଉପଲବ୍ଧି କରି ହାଉସ୍ ଅଫ୍ ଲର୍ଡସ୍‌ରେ ମତ ବ୍ୟକ୍ତ କରିଥିଲେ ଯେ ଏହା ଇଂରେଜ ସରକାରଙ୍କ ଏକ ଗୁରୁତର ତ୍ରୁଟି ଏବଂ ବିହାର-ଓଡ଼ିଶା ସ୍ଥାୟୀ ହୋଇ ରହି ପାରିବ ନାହିଁ । ପ୍ରକୃତରେ ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ବହୁ ବଳିଷ୍ଠ ପଦକ୍ଷେପ ନିଆଯାଇଥିଲା ।

ଓଡ଼ିଆମାନେ ଆନ୍ଦୋଳନ ଦ୍ୱାରା ୧୯୧୧ରେ ଯଦିଓ ବଙ୍ଗଳା ପ୍ରେସିଡେନ୍‌ସିଠାରୁ ବିଚ୍ଛିନ୍ନ ହେଲେ ତଥାପି ତାଙ୍କର ସ୍ୱପ୍ନର ସ୍ୱତନ୍ତ୍ର ଓଡ଼ିଶା (ଉତ୍କଳ) ଗଠିତ ହୋଇପାରିଲା ନାହିଁ । କିନ୍ତୁ ଏହା ଭବିଷ୍ୟତରେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପଥ ପରିଷ୍କାର କଲା ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଭୌଗୋଳିକ ସ୍ଥିତି କ'ଣ ଥିଲା ?

(ଖ) ଓଡ଼ିଶାର ଭାଷା ଆନ୍ଦୋଳନ କେଉଁ ପରିସ୍ଥିତିରେ ଆରମ୍ଭ ହୋଇଥିଲା ?

(ଗ) ସାହିତ୍ୟିକମାନଙ୍କର ଓଡ଼ିଆ ଭାଷା ଆନ୍ଦୋଳନକୁ ଅବଦାନ ସମ୍ପର୍କରେ ଆଲୋଚନା କର ।

(ଘ) ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷା ଉଚ୍ଛେଦ ହେଲା ପରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା ?

(ଙ) ଲର୍ଡ଼ କର୍ଜନଙ୍କ ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଭିମୁଖ୍ୟ କ'ଣ ଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ଗଞ୍ଜାମ ଓ ସମ୍ବଲପୁର ଯଥାକ୍ରମେ କେଉଁ ମସିହାରେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା ?

(ଖ) କିଏ ଯଥାକ୍ରମେ ଉତ୍କଳ ଦୀପିକା ଓ ସମ୍ବାଦ ବାହିକାର ସମ୍ପାଦକ ଥିଲେ ?

(ଗ) ଓଡ଼ିଆ ଆନ୍ଦୋଳନରେ ଗଞ୍ଜାମବାସୀ କିପରି ଅଂଶ ଗ୍ରହଣ କରିଥିଲେ ?

(ଘ) କିଏ ଏବଂ କେବେ ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କରିଥିଲେ ?

(ଙ) ନୀଳମଣି ବିଦ୍ୟାରତ୍ନ କେଉଁ ପତ୍ରିକାରେ ଇଂରେଜ ସରକାରଙ୍କ ଭାଷାନୀତିର ସମାଲୋଚନା କରିଥିଲେ ଏବଂ ଏଥିପାଇଁ କିଏ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ?

(ଚ) ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତରେ ଆସିବା ଦ୍ୱାରା କି ଲାଭ ହୋଇଥିଲା ?

(ଛ) 'ରିସ୍‌ଲେ ସର୍କୁଲାର' କେବେ ଓ କାହା ଦ୍ୱାରା ପ୍ରକାଶିତ ହୋଇଥିଲା ?

(ଜ) କେବେ ଏବଂ କେଉଁ ପ୍ରଦେଶରୁ ପୃଥକ କରି ସମ୍ବଲପୁରକୁ ଓଡ଼ିଶା ଡିଭିଜନରେ ମିଶାଇ ଦିଆଗଲା ?

(ଝ) କେଉଁ ଦୁଇଟି ଅଞ୍ଚଳ ଛୋଟନାଗପୁରରୁ ପୃଥକ ହୋଇ ଓଡ଼ିଶା ଡିଭିଜନରେ ମିଶିଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ବଙ୍ଗ ପ୍ରେସିଡେନ୍‌ସି ସହିତ କେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶି ରହିଥିଲା ?

(ଖ) ଓଡ଼ିଶାର କେଉଁ ଗଭର୍ଣ୍ଣର ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ବିରୋଧୀ ମନ୍ତବ୍ୟକୁ ବିରୋଧ କରିଥିଲେ ?

(ଗ) ଉତ୍କଳ ସଭା କେଉଁଠାରେ ଗଠିତ ହୋଇଥିଲା ?

(ଘ) ୧୮୮୮ରେ ଓଡ଼ିଶା ଗସ୍ତରେ ଆସିଥିବା ବଙ୍ଗର ଗଭର୍ଣ୍ଣର କିଏ ଥିଲେ ?

(ଙ) ସାର ଆଣ୍ଡ୍ରୁ୍ୟଫ୍ରେଜର କିଏ ଥିଲେ ?

(ଚ) ସମ୍ବଲପୁର କୋର୍ଟ କେଚେରୀରେ ଓଡ଼ିଆ ଭାଷା କେବେଠାରୁ ପୁନଃପ୍ରଚଳିତ ହୋଇଥିଲା ?

(ଛ) ଓଡ଼ିଶା ଡିଭିଜନରେ ମିଶିବା ପୂର୍ବରୁ କଳାହାଣ୍ଡି କେଉଁ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା ?

(ଜ) ଲର୍ଡ଼ ଆମ୍ପ୍‌ଥିଲ୍ କିଏ ଥିଲେ ?

(ଝ) ବିହାର-ଓଡ଼ିଶା ପ୍ରଦେଶ କେବେ ଗଠନ କରାଯାଇଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) ନ'ଅଙ୍କ ଦୁର୍ଭିକ୍ଷ କେବେ ହୋଇଥିଲା ?

(i) ୧୭୫୯ (ii) ୧୮୪୯ iii) ୧୮୬୬ (iv) ୧୮୭୬

(ଖ) ଶ୍ୟାମାନନ୍ଦ ଦେ କେଉଁଠାରେ ଏକ ଛାପାଖାନା ସ୍ଥାପନ କରିଥିଲେ ?

(i) କଟକ (ii) ବ୍ରହ୍ମପୁର (iii) ସମ୍ବଲପୁର (iv) ବାଲେଶ୍ୱର

(ଗ) ସମ୍ବଲପୁରର କେତେକ ନେତୃସ୍ଥାନୀୟ ବ୍ୟକ୍ତି କେଉଁଠାରେ କର୍ଜନଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ ?

(i) କଲିକତା (ii) ଦିଲ୍ଲୀ (iii) ସିମଳା (iv) କଟକ

(ଘ) କେଉଁ ଅଞ୍ଚଳଟି କେନ୍ଦ୍ରୀୟ ପ୍ରଦେଶର ଅନ୍ତର୍ଭୁକ୍ତ ନ ଥିଲା ?

(i) ବାମଣ୍ଡା (ii) ସୋନପୁର (iii) ବଣାଇ (iv) ରେଢ଼ାଖୋଲ

(ଙ) ଲର୍ଡ଼ କର୍ଜନ କେବେ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶ୍ରଣର ଯୌକ୍ତିକତା ବିଷୟରେ ଲେଖିଥିଲେ ?

(i) ୧୯୦୩ ଡିସେମ୍ବର ୩ (ii) ୧୯୦୪ ଜାନୁୟାରୀ ୫

(iii) ୧୯୦୪ ଜୁନ୍ ୨୦ (iv) ୧୯୦୫ ଜୁଲାଇ ୧୯

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଚତୁର୍ଥ ପାଠ

# ୧୯୧୧ ଖ୍ରୀଷ୍ଟାବ୍ଦରୁ ୧୯୩୬ ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ

ବିହାର-ଓଡ଼ିଶା ପ୍ରଦେଶ ଗଠନ ସ୍ୱାଭିମାନୀ ଓଡ଼ିଆମାନଙ୍କୁ ସନ୍ତୁଷ୍ଟ କରି ପାରିଲା ନାହିଁ । କାରଣ ବହୁ ଦିନର ଆନ୍ଦୋଳନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ । ତେଣୁ ଓଡ଼ିଆ ଆନ୍ଦୋଳନର ପୁରୋଧା ଓ ବୁଦ୍ଧିଜୀବୀମାନେ ଖାଲି ଯେ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କଲେ ତାହା ନୁହେଁ; ସେମାନେ ତାଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ରତର କଲେ । ୧୯୧୨ ରୁ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଚାଲୁ ରହିଲା ।

୧୯୧୨ ଏପ୍ରିଲ ୬ ଓ ୭ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଷ୍ଟମ ଅଧିବେଶନରେ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ । ସେ କହିଥିଲେ– "ବ୍ରିଟିଶ୍ ଶାସନ ଅଧୀନରେ ଏପରି କୌଣସି ଜାତି ନାହିଁ ଯେଉଁମାନଙ୍କ ପ୍ରତି ଓଡ଼ିଶାର ଲୋକମାନଙ୍କଠାରୁ ଅଧିକ ଅନ୍ୟାୟ ଓ ନିର୍ଦ୍ଦୟ ବ୍ୟବହାର ପ୍ରଦର୍ଶନ କରାଯାଇଛି; ଯଦିଓ ସେମାନେ ନିର୍ଦ୍ଦୋଷ ।" ଇଂଲଣ୍ଡ ସଂସଦର କେତେକ ସଭ୍ୟ ମଧ୍ୟ ମଧୁସୂଦନ ଦାସଙ୍କୁ ଦୃଢ଼ ସମର୍ଥନ ଜଣାଇ ଥିଲେ । ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ୧୯୧୪ରେ ଡିସେମ୍ବର ୨୬ ଓ ୨୭ ରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଆୟୋଜିତ ଜୟପୁର ରାଜା ବିକ୍ରମଦେବ ବର୍ମା କହିଥିଲେ– ଯଦି ମୋର ଛିନ୍ନ ମସ୍ତକ ରାଞ୍ଚିରେ ରଖାଯାଏ, ମୋର ଦୁଇଗୋଡ଼କୁ ମାନ୍ଦ୍ରାଜର ଚିକିତ୍ସାଳୟରେ ରଖାଯାଏ ଓ ମୋ ଶରୀରର ଗଣ୍ଡିକୁ ବଙ୍ଗୋପସାଗରରେ ଫିଙ୍ଗି ଦିଆଯାଏ ତେବେ କ'ଣ ମୁଁ ବଞ୍ଚିଛି ବୋଲି କୁହାଯାଇପାରିବ ? ଆମ ଉତ୍କଳ ଜନନୀ ବିକ୍ଷିପ୍ତ ଅବସ୍ଥାରେ ପଡ଼ି ରହିଛି । ତେଣୁ ଉତ୍କଳ ଜନନୀର ବିକ୍ଷିପ୍ତାଂଶ ଗୁଡ଼ିକର ଏକତ୍ରୀକରଣ ଦରକାର ।" ଲର୍ଡ଼ କର୍ଜନ ମଧ ବିହାର-ଓଡ଼ିଶା ନୂତନ ପ୍ରଦେଶ ଗଠନ ସମ୍ପର୍କରେ ଇଂରେଜ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ । ପ୍ରତ୍ୟେକ ଦିଗରୁ ରାଜନୀତିକ ସମର୍ଥନ ଓଡ଼ିଆ ଜାତୀୟତାବାଦକୁ ଅଧିକ ଉତ୍ସାହିତ କରିଥିଲା । ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଆ ସଭ୍ୟମାନଙ୍କ ଯୋଗଦାନ ସ୍ୱତନ୍ତ୍ର ଓଡ଼ିଶା ଗଠନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଥିଲା ।

> *ତୁମେ ଜାଣିଛ କି ?*
>
> ***୧୯୧୨ ଫେବୃୟାରୀ ୧ ତାରିଖରେ ଇଂଲଣ୍ଡର ଲର୍ଡ଼ ସଭାରେ ଭାରତର ପୂର୍ବତନ ବଡ଼ଲାଟ୍ ଲର୍ଡ଼ କର୍ଜନ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ସମାଲୋଚନା କରି କହିଥିଲେ "ଏହା ଏକ ଗୁରୁତର ତ୍ରୁଟି– ଯାହା ଚିରସ୍ଥାୟୀ ହୋଇପାରିବ ନାହିଁ । ଓଡ଼ିଆମାନେ ଯଦି ଏକ ଆନ୍ଦୋଳନ ପ୍ରିୟ ଜାତି ହୋଇଥାନ୍ତେ; ଯାହା ସେମାନେ ନୁହନ୍ତି, ସେମାନେ ଅଳ୍ପ ସମୟରେ ତାଙ୍କ ପ୍ରତିବାଦ ଜଣେଇଥାନ୍ତେ ।"***

## ମଣ୍ଟେଗୁ – ଚେମସ୍‌ଫୋର୍ଡ ଖସଡ଼ା :

୧୯୧୭ ମସିହାରେ ଭାରତ ସଚିବ ଇ.ଏସ୍. ମଣ୍ଟେଗୁ ଭାରତରେ ସ୍ୱାୟତ୍ତ ଶାସନର ବିକାଶ ନିମନ୍ତେ ବଡ଼ଲାଟ ଲର୍ଡ଼ ଚେମସ୍‌ଫୋର୍ଡ଼ଙ୍କ ସହିତ ଆଲୋଚନା କରିବା ପାଇଁ ଭାରତ ଆସିଥିଲେ । ୧୯୧୭ ଡିସେମ୍ବର ୧୧ରେ 'ଉତ୍କଳ ସମ୍ମିଳନୀ' ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ସାତଜଣ ସଭ୍ୟ ବିଶିଷ୍ଟ ଏକ କମିଟି କଲିକତା ଠାରେ ମଣ୍ଟେଗୁ ଓ ଚେମସ୍ ଫୋର୍ଡ଼ଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣ ସମ୍ପର୍କରେ ଏକ ଦାବିପତ୍ର ଦେଇଥିଲେ । କିନ୍ତୁ ୧୯୧୮ରେ ପ୍ରସ୍ତୁତ 'ମଣ୍ଟେଗୁ ଚେମସ୍‌ଫୋର୍ଡ଼ ଖସଡ଼ା'ରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଶାସନ ଯୋଜନା ନଥିଲା । ୧୯୧୯ ଭାରତ ଆଇନରେ ମଧ୍ୟ ଓଡ଼ିଆମାନଙ୍କ ପାଇଁ କୌଣସି ସୁବିଧା ରଖାଯାଇ ନଥିଲା । ଏହା ଓଡ଼ିଶାବାସୀଙ୍କ ମନରେ ଦୁଃଖ ଦେଇଥିଲା ।

## ସିହ୍ନା ପ୍ରସ୍ତାବ :

୧୯୧୯ରେ 'ଉତ୍କଳ ସମ୍ମିଳନୀ'ର ପୁରୀ ଅଧିବେଶନରେ ବିହାର ପ୍ରତନିଧି ସଚ୍ଚିଦାନନ୍ଦ ସିହ୍ନା ଏବଂ କନିକା ରାଜା ରାଜେନ୍ଦ୍ର ଭଞ୍ଜଦେଓଙ୍କୁ କେନ୍ଦ୍ରରେ ସମ୍ରାଟଙ୍କ ବିଧାୟକ ପରିଷଦରେ ଓଡ଼ିଶା ପ୍ରଦେଶ ଗଠନ ଦାବି ଉତ୍ଥାପନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। ୧୯୨୦ ଫେବୃୟାରୀ ୨୦ରେ ପରିଷଦରେ ସିହ୍ନା ପ୍ରସ୍ତାବ ଦେଇଥିଲେ ଯେ ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ବିହାର-ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନରେ ମିଶାଇ ଦିଆଯାଉ । ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ନିମିତ୍ତ ସରକାରୀ ଓ ବେସରକାରୀ ସଦସ୍ୟମାନଙ୍କର ଏକ ମିଳିତ କମିଟି ନିଯୁକ୍ତ କରାଯିବା ଆବଶ୍ୟକ । ରାଜେନ୍ଦ୍ରନାରାୟଣ ଭଞ୍ଜଦେଓ ଏହି ପ୍ରସ୍ତାବକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ। ସିହ୍ନାଙ୍କ ପ୍ରସ୍ତାବ ଉପରେ ଭାରତ ସରକାର ସମ୍ପୃକ୍ତ ପ୍ରାଦେଶିକ ସରକାରଙ୍କର ମତ ଚାହିଁଥିଲେ। କିନ୍ତୁ ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ସରକାର ଏହି ପ୍ରସ୍ତାବରେ ରାଜି ହୋଇନଥିଲେ। ବିହାର-ଓଡ଼ିଶା ସରକାର ଓଡ଼ିଶାକୁ ଏକ ଉପ-ପ୍ରଦେଶ ପାହ୍ୟା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବିଫଳତା ଓଡ଼ିଆ ଆନ୍ଦୋଳନକୁ ତୀବ୍ରତର କରିଥିଲା।



(ବିଶ୍ୱନାଥ କର)

୧୯୨୧ ମସିହାରେ ବିହାର-ଓଡ଼ିଶା ବିଧାନ ପରିଷଦରେ ସଭ୍ୟ ବିଶ୍ୱନାଥ କର ଓ ମାନ୍ଦ୍ରାଜ ବିଧାନ ପରିଷଦରେ ସଭ୍ୟ ଶଶିଭୂଷଣ ରଥ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନ ଅଧୀନସ୍ଥ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବିଶ୍ୱନାଥ କରଙ୍କ ପ୍ରସ୍ତାବ ସମ୍ପୃକ୍ତ ପରିଷଦରେ ଗୃହୀତ ହୋଇଥିଲା, କିନ୍ତୁ ଶଶିଭୂଷଣଙ୍କ ପ୍ରସ୍ତାବକୁ ମାନ୍ଦ୍ରାଜ ଗଭର୍ଣ୍ଣର ଅଗ୍ରାହ୍ୟ କରିଦେଇଥିଲେ । ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ବିଧାୟକ ପରିଷଦରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଓଡ଼ିଶାରେ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ।

## ଫିଲିପ୍ ଡଫ୍ କମିଟି :

ଦୀର୍ଘ ଦିନ ଧରି ଗଞ୍ଜାମର ଓଡ଼ିଆ ଲୋକ ଓଡ଼ିଶା ସହିତ ମିଶିବାକୁ ଦାବି କରି ଆସୁଥିଲେ ସୁଦ୍ଧା ମାନ୍ଦ୍ରାଜ ସରକାରଙ୍କ ମନୋବୃତ୍ତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଓଡ଼ିଶାବାସୀଙ୍କ ବାରମ୍ବାର ଦାବି ଫଳରେ ଇଂରେଜ ସରକାର ୧୯୨୪ ଶେଷଭାଗରେ ଏକ ଦୁଇ ଜଣିଆ କମିଟି ନିଯୁକ୍ତ କଲେ। ଗଞ୍ଜାମର ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବାପାଇଁ ଗଠିତ ଏହି କମିଟିରେ ଗଡ଼ଜାତ ରାଜ୍ୟ ସମୂହର ପଲିଟିକାଲ୍ ଏଜେଣ୍ଟ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ବେଲା ଜିଲ୍ଲାର ଜିଲ୍ଲାପାଳ ଏ.ସି.ଡଫ୍ ସଦସ୍ୟ ଥିଲେ । ଏହି କମିଟି "ଫିଲିପ୍ ଡଫ୍ କମିଟି" ନାମରେ ପରିଚିତ। ଏହି କମିଟି ନିକଟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ବହୁ ଐତିହାସିକ ତଥ୍ୟ ପରିବେଷଣ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ମିଶାଇବା ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ।

ତାଙ୍କ ଯୁକ୍ତି ଦ୍ୱାରା ପ୍ରଭାବିତ ହୋଇ "ଫିଲିପ୍ ଡଫ୍ କମିଟି" ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ସୁପାରିସ କରିଥିଲେ । ମାନ୍ଦ୍ରାଜ ସରକାର ଏହାକୁ ବିରୋଧ କରିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିଲାନାହିଁ; କିନ୍ତୁ ଏହା ଦକ୍ଷିଣର ମଞ୍ଜୁଷା, ଜଳନ୍ତର ଓ ପାରଳାଖେମୁଣ୍ଡି ଆଦି ଅଞ୍ଚଳର ଜନସାଧାରଣଙ୍କୁ ପ୍ରଭାବିତ କରିଥିଲା ଏବଂ ସେମାନେ ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ସେମାନଙ୍କ ଆନ୍ଦୋଳନ ଆରମ୍ଭ କରିଥିଲେ।

## ସାଇମନ କମିଶନ :

୧୯୨୮ ମସିହା ଫେବୃୟାରୀ ୩ ତାରିଖରେ ସାଇମନ କମିଶନ ଭାରତରେ ପଦାର୍ପଣ କରିଥିଲା । ସାଇମନ କମିଶନକୁ ଭାରତୀୟ କଂଗ୍ରେସ ଓ ଓଡ଼ିଶାର ପ୍ରାଦେଶିକ କଂଗ୍ରେସ ବାସନ୍ଦ କରିଥିଲା କିନ୍ତୁ କମିଶନକୁ ଉତ୍କଳ ସମ୍ମିଳନୀର ସଭ୍ୟମାନେ ପାଟନା ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ରଜ ସୁନ୍ଦର ଦାସ ଓ ଲକ୍ଷ୍ମୀଧର ମହାନ୍ତି କମିଶନଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବି ଉପସ୍ଥାପନ କରିଥିଲେ । ସାଇମନ କମିଶନ ମାନ୍ଦ୍ରାଜରେ ପହଞ୍ଚିଲା ପରେ କୃଷ୍ଣଚନ୍ଦ୍ର ଗଜପତି ତାଙ୍କୁ ସାକ୍ଷାତକରି ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ସାଇମନ କମିଶନଙ୍କ ହୃଦବୋଧ ହୋଇଥିଲା ଯେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବିର ସଯତ୍ନ ବିଚାର ଓ ପ୍ରକ୍ରିୟାକରଣ କରିବା ଅତ୍ୟନ୍ତ ଜରୁରୀ ।

## ଅଟଲି ସବ୍ କମିଟି :

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ମତାମତ ଦେବା ନିମନ୍ତେ ସାଇମନ କମିଶନର ଅନ୍ୟତମ ସଦସ୍ୟ ସି.ଆର୍. ଅଟ୍‌ଲିଙ୍କ ଅଧକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଥିଲା । ଏହାର ଅନ୍ୟ ସଦସ୍ୟମାନେ ଥିଲେ କେନ୍ଦ୍ରୀୟ ବିଧାୟକ ସଭାର ସଦସ୍ୟ ଡକ୍ଟର ସୁରଓ୍ୱାର୍ଦ୍ଦି ଏବଂ ବିହାର ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ସଦସ୍ୟ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଲକ୍ଷ୍ମୀଧର ମହାନ୍ତି । କମିଟିର ସୁପାରିସ ଥିଲା– "ଓଡ଼ିଆ ମାନଙ୍କର ଦାବି ଯୁକ୍ତିଯୁକ୍ତ ଏବଂ ସ୍ୱତନ୍ତ୍ର ସାର୍ବଜନୀନ ମତ ।" ଏହି ସବ୍‌କମିଟି ଓଡ଼ିଶା ଡିଭିଜନ, ଅନୁଗୁଳ, ବଙ୍ଗର ମେଦିନୀପୁର, ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗଞ୍ଜାମ ଅଞ୍ଚଳ ଓ କେନ୍ଦ୍ରୀୟ ପ୍ରଦେଶର ଖଡ଼ିଆଳ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ କରିଥିଲା । କିନ୍ତୁ ଏହା ମାନ୍ଦ୍ରାଜ ସରକାରଙ୍କ ବିରୋଧ ଯୋଗୁଁ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

## ପ୍ରଥମ ଗୋଲ ଟେବୁଲ ବୈଠକ :

୧୯୩୦ ମସିହା ନଭେମ୍ବର ୧୨ରୁ ୧୯୩୧ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଗୋଲ ଟେବୁଲ ବୈଠକରେ ବିହାର-ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଆମାନଙ୍କର ପ୍ରତିନିଧିରୂପେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଯୋଗ ଦେଇଥିଲେ । ଇଂଲଣ୍ଡରେ ଗୋଲ ଟେବୁଲ ବୈଠକରେ ଓ ଏହା ବାହାରେ ସେ ଦୃଢ଼ ଭାବରେ ଓଡ଼ିଆମାନଙ୍କ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ଉପସ୍ଥାପିତ କରିଥିଲେ । ଏ ସଂକ୍ରାନ୍ତରେ ସେ "ଓଡ଼ିଆମାନଙ୍କ ଦାବି ଓ ଯୁକ୍ତି" ନାମକ ଏକ ପୁସ୍ତିକା ବୈଠକର ପ୍ରତିନିଧିମାନଙ୍କୁ ବିତରଣ କରିଥିଲେ । ଏହା ବ୍ୟତୀତ ଲଣ୍ଡନଠାରେ କୃଷ୍ଣଚନ୍ଦ୍ର ଇଂଲଣ୍ଡର ଭାରତ ସଚିବ ସାମୁଏଲ୍ ହୋର୍‌ଙ୍କୁ ସାକ୍ଷାତ କରି ଓଡ଼ିଆମାନଙ୍କର ଦାବି ସମ୍ପର୍କରେ ଅବଗତ କରାଇଥିଲେ । ୧୯୩୧ ଜାନୁୟାରୀ ୧୬ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ର ଏକ ଐତିହାସିକ ଭାଷଣ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଯୌକ୍ତିକତା ଉପସ୍ଥାପିତ କରିଥିଲେ ।

*ତୁମ ପାଇଁ କାମ*

*ଗୋଲଟେବୁଲ ବୈଠକ ଚାଲିଥିବା ବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କିଏ ଥିଲେ ?*

ମହାରାଜା କୃଷ୍ଣଚନ୍ଦ୍ରଙ୍କ ଅକାଟ୍ୟ ଯୁକ୍ତି ଓ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଇଂରେଜ ସରକାର ଓଡ଼ିଆମାନଙ୍କର ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ସ୍ୱୀକାର କରିଥିଲେ । ଏହାଦ୍ୱାରା ମଧୁସୂଦନ ଦାସଙ୍କ ଦୀର୍ଘ କଠିନ ପରିଶ୍ରମକୁ ଫଳପ୍ରସୂ କରିବାରେ ଗଜପତି ସମର୍ଥ ହୋଇଥିଲେ ।

ଏହା ଓଡ଼ିଆମାନଙ୍କ ପାଇଁ ଥିଲା ଗର୍ବ ଓ ଉଲ୍ଲାସର ବିଷୟ । କଂଗ୍ରେସ ପ୍ରଥମ ଗୋଲ ଟେବୁଲ ବୈଠକ ବର୍ଜନ କରିଥିବା ସ୍ଥଳେ ମହାରାଜା କୃଷ୍ଣଚନ୍ଦ୍ର ଏଥିରେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ ଅବଦାନ ଦେଇଗଲେ ତାହା ଓଡ଼ିଶାବାସୀଙ୍କ ଚିରସ୍ମରଣୀୟ ହୋଇରହିବ ।

## ଜାତୀୟ କଂଗ୍ରେସରେ ଓଡ଼ିଶା ପ୍ରସଙ୍ଗ :

୧୯୩୧ ମାର୍ଚ୍ଚ ୨୯ରେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ଓଡ଼ିଶାର ପ୍ରତିନିଧିମାନେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବି ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କୁ

ଅବଗତ କରାଇଥିଲେ । ଗାନ୍ଧିଜୀ ଏହି ଦାବିପ୍ରତି ପୂର୍ଣ୍ଣ ସମର୍ଥନ ପ୍ରକାଶ କରିବା ସହିତ ଦ୍ୱିତୀୟ ଗୋଲ୍ ଟେବୁଲ ବୈଠକରେ ଏହି ପ୍ରସଙ୍ଗ ଉତ୍‌ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ୧୯୩୧ ମେ ୩ ତାରିଖରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ ସଭାରେ ଏକ ପୃଥକ୍ ଓଡ଼ିଶା ପ୍ରଦେଶ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଆଗତ ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା । ସବୁ ସ୍ତରରେ ଏ ବିଷୟରେ କ୍ରମାଗତ ଭାବେ ଆଲୋଚନା କରିବା ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା । ଏହି କମିଟିର ଅନ୍ୟ ସଦସ୍ୟମାନେ ଥିଲେ ଗୋପବନ୍ଧୁ ଚୌଧୁରୀ, ଲିଙ୍ଗରାଜ ପାଣିଗ୍ରାହୀ, ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ବିଚିତ୍ରାନନ୍ଦ ଦାସ ଓ ଲକ୍ଷ୍ମୀ ନାରାୟଣ ମିଶ୍ର । ଏହିପରି ଭାବେ ଜାତୀୟ କଂଗ୍ରେସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାକୁ ପୂର୍ଣ୍ଣ ସମର୍ଥନ ଦେଲା ।

## ସୀମା ନିର୍ଦ୍ଧାରଣ କମିଟି :

୧୯୩୧ ମସିହା ସେପ୍ଟେମ୍ବର ୧୩ରେ ଭାରତ ସରକାର ତିନି ସଦସ୍ୟ ବିଶିଷ୍ଟ ଏକ ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତ କରିଥିଲେ । ଏହି କମିଟିର ଅଧ୍ୟକ୍ଷ ଥିଲେ ସାମୁଏଲ ଓ'ଡନେଲ ଓ ଅନ୍ୟ ଦୁଇ ଜଣ ସଭ୍ୟ ଥିଲେ ବମ୍ବେର ଏଚ.ଏମ.ମେହେଟ୍ଟା ଓ ଆସାମର ଟି.ଆର ଫୁକନ । ଏହି କମିଟିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସଚ୍ଚିଦାନନ୍ଦ ସିହ୍ନା ଓ ସି.ଭି.ଏସ୍ ନରସିଂହ ରାଜୁ ସହଯୋଗୀ ସଦସ୍ୟ ରୂପେ ରହିଥିଲେ । ଏହି ସମୟରେ ତେଲୁଗୁମାନେ ମାନ୍ଦ୍ରାଜରୁ ଓଡ଼ିଶାକୁ କୌଣସି ଅଞ୍ଚଳ ହସ୍ତାନ୍ତର କରାଯିବ ନାହିଁ ବୋଲି ଦୃଢ଼ ମତପୋଷଣ କରିଥିଲେ । କିନ୍ତୁ ପାରଳାଖେମୁଣ୍ଡି ମହାରାଜାଙ୍କ ସମର୍ଥନ ଏବଂ ପ୍ରେରଣାରେ ପାରଳାଖେମୁଣ୍ଡିର ଓଡ଼ିଆ ମାନେ ଏବଂ ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜର ସଭ୍ୟମାନେ ଓଡ଼ିଶାରେ ପାରଳାଖେମୁଣ୍ଡିକୁ ମିଶାଇ ଦେବା ପାଇଁ ଦୃଢ଼ ଭାବରେ ଓ'ଡନେଲ କମିଟି ଆଗରେ ଦାବି ଜଣାଇ ଥିଲେ । ମହାରାଜା ନିଜେ ତାଙ୍କ ଜମିଦାରୀକୁ ଓଡ଼ିଶାରେ ମିଶାଇ ଦେବାପାଇଁ ଆପ୍ରାଣ ଚେଷ୍ଟା କରିଥିଲେ ।

ଓ'ଡନେଲ କମିଟିର ନିର୍ଦ୍ଧାରଣ ଓଡ଼ିଆମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ କରି ନଥିଲା, କାରଣ ଏଥିରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ପାରଳାଖେମୁଣ୍ଡି, ମଞ୍ଜୁଷା, ମେଦିନୀପୁର ଏବଂ ସିଂହଭୂମିକୁ ବାଦ ଦିଆଯାଇଥିଲା । ଏହାର ପ୍ରତିବାଦ କରିବା ପାଇଁ ୧୯୩୨ ମସିହା ଅଗଷ୍ଟ ୨୧ରେ ବ୍ରହ୍ମପୁରଠାରେ ଲକ୍ଷ୍ମୀଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସହରରେ ଉତ୍କଳ ସମ୍ମିଳନୀର ଏକ ଜରୁରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଓ'ଡନେଲ କମିଟିର ପ୍ରତିକୂଳ ନିର୍ଦ୍ଧାରଣ ବିରୋଧରେ ବଡ଼ଲାଟଙ୍କୁ ଅବଗତ କରାଇବା ପାଇଁ ପାରଳାଖେମୁଣ୍ଡି ମହାରାଜାଙ୍କ ଅଧିନାୟକତ୍ୱରେ ଏକ କମିଟି ଗଢ଼ାଯାଇଥିଲା । ଏହି କମିଟି ୧୯୩୨ ମସିହା ସେପ୍ଟେମ୍ବର ୧୭ ତାରିଖରେ ସିମଲା ଠାରେ ବଡ଼ଲାଟ ଲର୍ଡ଼ ୱିଲିଙ୍ଗ୍‌ଡନ୍‌ଙ୍କୁ ସାକ୍ଷାତ କରିଥିଲେ । ଏହା ପୂର୍ବରୁ ୧୯୩୨ ସେପ୍ଟେମ୍ବର ୨ରେ ବିହାର-ଓଡ଼ିଶା ବିଧାନ ପରିଷଦରେ ବେସରକାରୀ ସଦସ୍ୟମାନଙ୍କ ଦ୍ୱାରା ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟିର ଅଯୌକ୍ତିକ ନିଷ୍ପତ୍ତିର ନିନ୍ଦା କରାଯିବା ସହିତ ତୁରନ୍ତ ଏକ ପୃଥକ୍ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲକ୍ଷ୍ମୀଧର ମହାନ୍ତିଙ୍କ ଦ୍ୱାରା ଆଗତ ଓ ମଧୁପୁର ରାଜାଙ୍କ ଦ୍ୱାରା ସଂଶୋଧିତ ପ୍ରସ୍ତାବ ସମସ୍ତ ବେସରକାରୀ ସଦସ୍ୟଙ୍କଦ୍ୱାରା ସର୍ବସମ୍ମତ ଭାବେ ଗୃହୀତ ହୋଇଥିଲା ।

## ସରକାରଙ୍କ ଶ୍ୱେତପତ୍ର :

ତୃତୀୟ ଗୋଲ ଟେବୁଲ୍ ବୈଠକ ପରେ ୧୯୩୨ ଡିସେମ୍ବର ୨୪ରେ ଭାରତ ସଚିବ ସାମୁଏଲ୍ ହୋର୍ ଭାରତ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନର ଘୋଷଣା କରିଥିଲେ ।

୧୯୩୩ ମାର୍ଚ୍ଚ ୧୭ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଇଂରେଜ ସରକାରଙ୍କ ଏକ ଶ୍ୱେତ ପତ୍ର ପ୍ରକାଶ ପାଇଥିଲା । ଏଥିରେ ଓଡ଼ିଶା ଏକ ରାଜ୍ୟପାଳ ଶାସିତ ପୂର୍ଣ୍ଣାଙ୍ଗ ପ୍ରଦେଶ ରୂପେ ଗଠିତ ହେବ ବୋଲି ଉଲ୍ଲେଖ

କରାଯାଇଥିଲା ଏବଂ ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ରଫଳ ୩୩ ହଜାର ବର୍ଗ ମାଇଲରୁ ହ୍ରାସ କରାଯାଇ ୨୧,୫୪୫ ବର୍ଗ ମାଇଲ ରଖାଯାଇଥିଲା। ଏହି ଶ୍ୱେତପତ୍ରରେ ଓଡ଼ିଶା ପ୍ରଦେଶରୁ ଜୟପୁର ଏବଂ ପାରଳାଖେମୁଣ୍ଡିକୁ ବାଦ ଦିଆଯାଇଥିଲା।

ମଧୁସୂଦନଙ୍କ ସବିଶେଷ ଆବେଦନ କ୍ରମେ ୧୯୩୩ ଜୁଲାଇ ୩ ତାରିଖରେ ଲଣ୍ଡନ ଠାରେ ସାମୁଏଲ୍ ହୋର୍‌ଙ୍କୁ ନିକଟରେ ପାରଳା ମହାରାଜା, କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଓ ଭଗବାନ ଦାସ ପ୍ରମୁଖ ଓଡ଼ିଶା ସୀମାର ପୁନଃନିର୍ଦ୍ଧାରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ଇଂରେଜ ସରକାର ଜୟପୁରର ମିଶ୍ରଣ ପାଇଁ ରାଜି ହୋଇଥିଲେ, କିନ୍ତୁ ପାରଳାଖେମୁଣ୍ଡିର ମିଶ୍ରଣ ପାଇଁ ଅମଙ୍ଗ ହୋଇଥିଲେ ।

୧୯୩୪ ଫେବୃୟାରୀ ୪ରେ ମଧୁସୂଦନ ଦାସଙ୍କ ପରଲୋକ ଗମନ ପରେ ସେହି ବର୍ଷ ଫେବୃୟାରୀ ୧୧ରେ କଟକଠାରେ ଗଞ୍ଜାମର ମଧୁସୂଦନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ତ୍ରୟୋବିଂଶ ପାରଳାଖେମୁଣ୍ଡି ଓ ଏବଂ ଜୟପୁର ଜମିଦାରୀ ଓଡ଼ିଶାରେ ମିଶାଇବା ପାଇଁ ଦାବି କରାଯାଇଥିଲା।

ପାରଳାଖେମୁଣ୍ଡିର ଅଧିକାଂଶ ଲୋକ ତେଲୁଗୁ ହୋଇଥିବାରୁ ଇଂରେଜ କର୍ତ୍ତୃପକ୍ଷ ଏହାକୁ ଓଡ଼ିଶାକୁ ହସ୍ତାନ୍ତର କରିବାକୁ ରାଜିହୋଇ ନ ଥିଲେ, ତେଣୁ ମହାରାଜା କୃଷ୍ଣଚନ୍ଦ୍ର ତାଙ୍କର ଜମିଦାରୀକୁ ମାନ୍ଦ୍ରାଜ ଓ ଓଡ଼ିଶା ମଧ୍ୟରେ ବିଭାଜନ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ପାରଳାଖେମୁଣ୍ଡି ସହର ସମେତ ତାଙ୍କ ଜମିଦାରୀର କିଛି ଅଂଶ ଓଡ଼ିଶାରେ ମିଶାଇବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ।

ଉତ୍କଳ ସମ୍ମିଳନୀଦ୍ୱାରା ଅଧିକାରପ୍ରାପ୍ତ ହୋଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୩୪ ମେ ମାସରୁ ଦୀର୍ଘକାଳ ଲଣ୍ଡନରେ ଅବସ୍ଥାନ କଲେ ଏବଂ ଓଡ଼ିଶାରେ ସୀମା ନିର୍ଦ୍ଧାରଣ ସମ୍ପର୍କରେ ଭାରତ ତଥା ମାନ୍ଦ୍ରାଜ ସରକାରଙ୍କର ତୀବ୍ର ବିରୋଧ ସତ୍ତ୍ୱେ ସନ୍ତୋଷଜନକ ଭାବେ ସୀମା ସ୍ଥିରୀକୃତ କରି ଜୟପୁର ଜମିଦାରୀ ଓ ପାରଳାଖେମୁଣ୍ଡି ଜମିଦାରୀର ଏକ ଅଂଶ ଓଡ଼ିଶାର ସୀମାରେ ଅନ୍ତର୍ଭୁକ୍ତ କରିପାରିଲେ।

## ମିଳିତ ସଂସଦୀୟ କମିଟି :

୧୯୩୩ ମସିହା ଏପ୍ରିଲ ମାସରେ ବ୍ରିଟିଶ ପାର୍ଲାମେଣ୍ଟର ଉଭୟ ଗୃହର ୧୬ ଜଣ ସଦସ୍ୟଙ୍କୁ ନେଇ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କ ଅଧ୍ୟକ୍ଷତାରେ ଏକ 'ମିଳିତ ସଂସଦୀୟ କମିଟି' ଗଠନ କରାଯାଇଥିଲା। ୧୯୩୪ ନଭେମ୍ବରରେ କମିଟି ତାଙ୍କ ବିବରଣୀରେ ଶ୍ୱେତପତ୍ରରେ ଘୋଷିତ ନୂତନ ଓଡ଼ିଶା ପ୍ରଦେଶ ସହିତ ସୀମା ନିର୍ଦ୍ଧାରଣ କମିଟି ପ୍ରସ୍ତାବିତ ଜୟପୁର ଜମିଦାରୀର ଅଂଶ, ଜଳନ୍ତର ସାଲିହା ଏବଂ ପାରଳାଖେମୁଣ୍ଡି ସହର ସମେତ ପାରଳାଖେମୁଣ୍ଡି ଜମିଦାରୀର ଏକ ଅଂଶକୁ ଯୋଗ କଲା । ଏହାଦ୍ୱାରା ଶ୍ୱେତପତ୍ରରେ ଥିବା ଓଡ଼ିଶାର କ୍ଷେତ୍ରଫଳ ୨୧,୫୫୫ ବର୍ଗ ମାଇଲରୁ ବୃଦ୍ଧି ପାଇ ୩୨,୬୯୫ ବର୍ଗ ମାଇଲ ହେଲା।

## ୧୯୩୫ ଭାରତ ଶାସନ ଆଇନ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ :

୧୯୩୫ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ପ୍ରଣୀତ ହେଲା "ଭାରତ ଶାସନ ଆଇନ"। ଏହି ଆଇନର ଧାରା ୨୮୯ ଅନୁସାରେ ଓଡ଼ିଶାକୁ ନୂତନ ପ୍ରଦେଶ ଭାବରେ ସ୍ୱୀକୃତି ଦିଆଗଲା। ୧୯୩୬ ମାର୍ଚ୍ଚ ୩ ତାରିଖରେ "ଭାରତ ଶାସନ (ଓଡ଼ିଶା ଗଠନ) ନିର୍ଦ୍ଦେଶ ୧୯୩୬" ଇଂରେଜ ସମ୍ରାଟଙ୍କ ଦ୍ୱାରା ଘୋଷିତ ହେଲା । ଫଳସ୍ୱରୂପ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସୃଷ୍ଟିହେଲା ଓଡ଼ିଆମାନଙ୍କର ଚିର ଈପ୍‌ସିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଏହିଦିନଟି ପ୍ରତ୍ୟେକ ଓଡ଼ିଆମାନଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ବହୁ ଦିନର ଖଣ୍ଡିତ ଉତ୍କଳଜନନୀ ତା'ର ବରପୁତ୍ରମାନଙ୍କର ଚେଷ୍ଟା ଓ ବଳିଦାନ ଯୋଗୁ ସମ୍ପୂର୍ଣ୍ଣ ହୋଇପାରିଥିଲା।

❖ ❖ ❖

## ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମଧୁସୂଦନ ଦାସ ଏବଂ ଦଶମ ଅଧିବେଶନରେ ଜୟପୁରର ରାଜା ବିକ୍ରମଦେବ ବର୍ମା କ'ଣ କହିଥିଲେ ?

(ଖ) ସିହ୍ନା ପ୍ରସ୍ତାବ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍‌ପଣୀ ଲେଖ ?

(ଗ) ଫିଲିଫ୍ ଡଫ୍ କମିଟି କେବେ, କାହିଁକି ଓ କିପରି ଗଠିତ ହୋଇଥିଲା ?

(ଘ) ପ୍ରଥମ ଗୋଲଟେବୁଲ ବୈଠକରେ ଭାଗ ନେବାକୁ ଯାଇଥିବା ସମୟରେ ଇଂଲଣ୍ଡରେ କୃଷ୍ଣଚନ୍ଦ୍ର ଗଜପତିଙ୍କ କାର୍ଯ୍ୟାବଳୀ କ'ଣ ଥିଲା ?

(ଙ) ଓ'ଡ଼ନେଲ୍ କମିଟି କାହିଁକି ଓ କିପରି ଗଠିତ ହୋଇଥିଲା ଏବଂ ଓଡ଼ିଆମାନେ କାହିଁକି ଏହାର ନିଷ୍ପତ୍ତିରେ ସନ୍ତୁଷ୍ଟ ହୋଇ ନଥିଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) ସାଇମନ କମିଶନ ଭାରତ ଗସ୍ତବେଳେ ଉତ୍କଳ ସମ୍ମିଳନୀର ସଭ୍ୟମାନେ କେଉଁଠାରେ ଓ କାହିଁକି ତାଙ୍କୁ ଭେଟିଥିଲେ ?

(ଖ) ଅଟ୍‌ଲି ସବ୍ କମିଟିରେ ଓଡ଼ିଆ ସଦସ୍ୟ କେଉଁମାନେ ଥିଲେ ?

(ଗ) ଅଟ୍‌ଲି ସବ୍ କମିଟିରେ କେଉଁ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ କରିଥିଲା ?

(ଘ) କେବେ ଓ କେଉଁଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଯାଇଥିଲା ?

(ଙ) ଓ'ଡ଼ନେଲ୍ କମିଟି ପ୍ରସ୍ତାବର ପ୍ରତିବାଦ କରିବା ପାଇଁ କେବେ ଏବଂ କେଉଁଠାରେ ଉତ୍କଳ ସମ୍ମିଳନୀର ଜରୁରୀ ଅଧିବେଶନ ବସିଥିଲା ?

(ଚ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଶ୍ୱେତପତ୍ର କେବେ ପ୍ରକାଶ ପାଇଥିଲା ଏବଂ ଏଥିରେ ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ରଫଳ କେତେ ଥିଲା ?

(ଛ) ଶ୍ୱେତପତ୍ରରେ ପ୍ରସ୍ତାବିତ ଓଡ଼ିଶାରୁ କେଉଁ ଅଞ୍ଚଳ ଗୁଡ଼ିକ ବାଦ୍ ଦିଆଯାଇଥିଲା ?

(ଜ) ମିଳିତ ସଂସଦୀୟ କମିଟି ଶ୍ୱେତପତ୍ର ପ୍ରସ୍ତାବିତ ଓଡ଼ିଶା ସହିତ କେଉଁ ଅଞ୍ଚଳ ଯୋଗକଲା ?

(ଝ) ଭାରତ ଶାସନ ଆଇନ ୧୯୩୫ର କେଉଁ ଧାରାରେ ଓଡ଼ିଶାକୁ ଏକ ପୃଥକ ପ୍ରଦେଶ ଭାବେ ସ୍ୱୀକୃତି ଦିଆଗଲା ଏବଂ କେବେ "ଭାରତ ଶାସନ (ଓଡ଼ିଶା ଗଠନ) ନିର୍ଦ୍ଦେଶ ୧୯୩୬" ଘୋଷିତ ହେଲା ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ସରକାର ସିହ୍ନାଙ୍କ ପ୍ରସ୍ତାବ ଅଗ୍ରାହ୍ୟ କରିବା ପରେ ବିହାର-ଓଡ଼ିଶା ସରକାର ଓଡ଼ିଶା ପାଇଁ କ'ଣ ପ୍ରସ୍ତାବ ଦେଇଥିଲେ ?

(ଖ) ଫିଲିପ୍ ଡଫ୍ କମିଟି ସଦସ୍ୟ ଫିଲିପ୍‌ଙ୍କ ପଦବୀ କ'ଣ ଥିଲା ?

(ଗ) କୃଷ୍ଣଚନ୍ଦ୍ର ଗଜପତି କେଉଁଠାରେ ସାଇମନ କମିଶନଙ୍କୁ ଭେଟିଥିଲେ ?

(ଘ) କେନ୍ଦ୍ରୀୟ ବିଧାୟକ ପରିଷଦର କେଉଁ ସଦସ୍ୟ ଅଟ୍‌ଲି ସବ୍ କମିଟିର ସଦସ୍ୟ ଥିଲେ ?

(ଙ) ପୃଥକ୍ ଓଡ଼ିଶା ପ୍ରଦେଶ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଓଡ଼ିଶା ପ୍ରାଦେଶିକ କଂଗ୍ରେସ ସଭାରେ କିଏ ପ୍ରସ୍ତାବ ଆଗତ କରିଥିଲେ ?

(ଚ) ଓ'ଡନେଲ କମିଟି କେବେ ନିଯୁକ୍ତ ହୋଇଥିଲା ?

(ଛ) ପାରଳାଖେମୁଣ୍ଡିର କେଉଁ ଅନୁଷ୍ଠାନ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବା ପାଇଁ ଓ'ଡ଼ନେଲ କମିଟି ନିକଟରେ ଦାବି କରିଥିଲେ ?

(ଜ) ତୃତୀୟ ଗୋଲ୍ ଟେବୁଲ୍ ବୈଠକ ପରେ କିଏ ପୃଥକ୍ ଓଡ଼ିଶା ପ୍ରଦେଶ ଗଠନର ଘୋଷଣା କରିଥିଲେ ?

(ଝ) ମିଳିତ ସଂସଦୀୟ କମିଟି ପ୍ରସ୍ତାବରେ ଓଡ଼ିଶାର କ୍ଷେତ୍ରଫଳ କେତେ ବର୍ଗମାଇଲକୁ ବୃଦ୍ଧି କରାଯାଇଥିଲା ?

(ଞ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କେବେ ସୃଷ୍ଟି ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) କାହା ନେତୃତ୍ୱରେ ଉତ୍କଳ ସମ୍ମିଳନୀର ସାତଜଣିଆ କମିଟି ଦ୍ୱାରା ମଣ୍ଟେଗୁ ଓ ଚେମ୍‌ସ୍‌ଫୋର୍ଡ଼ଙ୍କୁ ଦାବିପତ୍ର ଦିଆଯାଇଥିଲା ?

(i) କୃଷ୍ଣଚନ୍ଦ୍ର ଗଜପତି (ii) ବିକ୍ରମଦେବ ଶର୍ମା

iii) ମଧୁସୂଦନ ଦାସ (iv) ରାଜେନ୍ଦ୍ର ନାରାୟଣ ଭଞ୍ଜ

(ଖ) କିଏ ମାନ୍ଦ୍ରାଜ ବିଧାନ ପରିଷଦର ସଦସ୍ୟ ଥିଲେ ?

(i) ବିଶ୍ୱନାଥ କର (ii) ଶଶିଭୂଷଣ ରଥ

(iii) ନୀଳକଣ୍ଠ ଦାସ (iv) ଭୁବନାନନ୍ଦ ଦାସ

(ଗ) ଫିଲିପ୍-ଡଫ୍ କମିଟି କେବେ ନିଯୁକ୍ତ ହୋଇଥିଲା ?

(i) ୧୯୧୯ (ii) ୧୯୨୧ (iii) ୧୯୨୪ (iv) ୧୯୨୮

(ଘ) କେବେ ମହାରାଜା କୃଷ୍ଣଚନ୍ଦ୍ର ଇଂଲଣ୍ଡରେ ସ୍ୱତନ୍ତ୍ର ଓଡ଼ିଶା ସମ୍ପର୍କରେ ଏକ ଐତିହାସିକ ଭାଷଣ ଦେଇଥିଲେ ?

(i) ୧୯୩୦ ନଭେମ୍ବର ୧୨ (ii) ୧୯୩୧ ଜାନୁୟାରୀ ୧୬

(iii) ୧୯୩୧ ଜାନୁୟାରୀ ୧୯ (iv) ୧୯୩୩ ଜୁଲାଇ ୩

(ଙ) କିଏ ଓ'ଡନେଲ କମିଟିର ସହଯୋଗୀ ସଦସ୍ୟ ନ ଥିଲେ ?

(i) ସଚ୍ଚିଦାନନ୍ଦ ସିହ୍ନା (ii) ସି.ଭି.ଏସ୍. ନରସିଂହ ରାଜୁ

(iii) କୃଷ୍ଣଚନ୍ଦ୍ର ଗଜପତି (iv) ମଧୁସୂଦନ ଦାସ


**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ପଞ୍ଚମ ପାଠ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା

ଅନେକ ଘାତ ପ୍ରତିଘାତ ଦେଇ ଓଡ଼ିଆ ଆନ୍ଦୋଳନ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ବାସ୍ତବିକ ସଂଘର୍ଷମୟ । ଓଡ଼ିଆ ନେତାମାନଙ୍କର ଅକ୍ଳାନ୍ତ ଉଦ୍ୟମ ଫଳରେ ସ୍ୱତନ୍ତ୍ର ଓଡ଼ିଶାର ଗଠନ କାର୍ଯ୍ୟ ସମ୍ଭବ ହୋଇ ପାରିଥିଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ମଧୁସୂଦନ ଦାସ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଥିଲା ।



(ରେଭେନ୍ସା କଲେଜ)

୧୯୩୫ ଭାରତ ଶାସନ ଆଇନରେ ଓଡ଼ିଶାକୁ ନୂତନ ପ୍ରଦେଶ ଭାବରେ ଇଂରେଜ ସରକାର ସ୍ୱୀକୃତି ପ୍ରଦାନ କରିଥିଲେ । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଆଦି ୬ଟି ଜିଲ୍ଲାକୁ ନେଇ ଏହି ନୂତନ ପ୍ରଦେଶ ଗଠିତ ହେଲା । ଏହାର ରାଜଧାନୀ କଟକଠାରେ ପ୍ରତିଷ୍ଠିତ ହେଲା । ଏହାର ଆୟତନ ଥିଲା ୩୨,୬୯୫ ବର୍ଗମାଇଲ ଓ ଲୋକସଂଖ୍ୟା ଥିଲା ୮,୦୪୩,୬୮୧ । କେନ୍ଦ୍ରୀୟ ପ୍ରଦେଶରୁ ଖଡ଼ିଆ, ପଦ୍ମପୁର, ବିଶାଖାପାଟଣା ଏଜେନ୍ସିରୁ ଜୟପୁର ଜମିଦାରୀ ଓ ପଟ୍ଟାଙ୍ଗୀ ମାନ୍ଦ୍ରାଜ ପ୍ରେସିଡେନ୍ସିରୁ ଘୁମୁସର, ଆସ୍କା, ସୋରଡ଼ା, କୋଦଳା ଓ ଛତ୍ରପୁର ଅଣାଯାଇ ଓଡ଼ିଶା ପ୍ରଦେଶ ସହିତ ମିଶାଯାଇଥିଲା । ତଥାପି ଓଡ଼ିଆ ମାନେ ଚାହିଁଥିବା ସେମାନଙ୍କର ଆକାଙ୍କ୍ଷିତ ଓଡ଼ିଶା ପ୍ରଦେଶ ଗଠିତ ହୋଇ ପାରିଲାନାହିଁ । ମେଦିନୀପୁର, ଫୁଲଝର, ସୋମପେଟା, ମଞ୍ଜୁଷା ଆଦି ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା ।

ରେଭେନ୍ସା କଲେଜର ହଲ୍‌ରେ ୧୯୩୬ ଏପ୍ରିଲ୍ ୧ ତାରିଖରେ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଲୋକମାନଙ୍କ ଅଭୂତପୂର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ନୂତନ ଓଡ଼ିଶା ପ୍ରଦେଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେଲା । ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ କୋଟ୍‌ନେ ଟେରେଲା



(ସାର୍ ଜନ୍ ଅଷ୍ଟିନ୍ ହବାକ୍)

ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କୁ ଶପଥପାଠ କରାଇଥିଲେ । ଇଂଲଣ୍ଡର ସମ୍ରାଟ ଓ ଭାଇସ୍‌ରାୟଙ୍କ ଶୁଭେଚ୍ଛାବାର୍ତ୍ତା ଉପସ୍ଥିତ ଜନତାଙ୍କ ସମ୍ମୁଖରେ ପାଠ କରାଯାଇଥିଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ କଟକର ବାରବାଟୀ ଦୁର୍ଗରେ ଏକ ବିଶାଳ ଭୋଜିର ଆୟୋଜନ କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଆପ୍ୟାୟିତ କରିଥିଲେ । ଅବଶ୍ୟ ଏହି ସଫଳତା ଦେଖିବା ପୂର୍ବରୁ କୁଳବୃଦ୍ଧ ମଧୁସୂଦନଙ୍କ ମହାପ୍ରୟାଣ

ହୋଇ ଯାଇଥିଲା । ତାଙ୍କ ପୂର୍ବପୁରୁଷମାନଙ୍କର ଅଦୃଷ୍ଟ ପ୍ରେରଣାରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ କରିଛନ୍ତି ବୋଲି ମହାରାଜା କୃଷ୍ଣଚନ୍ଦ୍ର ମତ ବ୍ୟକ୍ତ କରିଥିଲେ ।



(କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ)

ନିର୍ବାଚିତ ସରକାର ଗଠିତ ହେବା ପର୍ଯ୍ୟନ୍ତ ନୂତନ ଓଡ଼ିଶାର ଶାସନ ଦାୟିତ୍ୱ ରାଜ୍ୟପାଳ ଓ ତାଙ୍କ ଦ୍ୱାରା ମନୋନୀତ କୋଡ଼ିଏ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ଉପଦେଷ୍ଟା ପରିଷଦ ଉପରେ ନ୍ୟସ୍ତ କରାଯାଇଥିଲା । ଏହି ପରିଷଦରେ କୌଣସି କାର୍ଯ୍ୟକାରୀ ପରିଷଦ ବା ମନ୍ତ୍ରୀପଦ ନଥିଲା । ବସ୍ତୁତଃ ରାଜ୍ୟପାଳ ଓଡ଼ିଶାର ଶାସନ ମୁଖ୍ୟ ରହିଲେ ଏବଂ ଲକ୍ଷ୍ମୀଧର ମହାନ୍ତିଙ୍କୁ ଉପଦେଷ୍ଟା ପରିଷଦର ଉପସଭାପତି ଭାବେ ମନୋନୀତ କରାଯାଇଥିଲା । ଏହି ପରିଷଦଙ୍କୁ ପ୍ରଦେଶ ଗଠନ ପୂର୍ବରୁ ଏକ ପ୍ରାଦେଶିକ ବିଧାନସଭାରେ ଓଡ଼ିଶାର କୌଣସି ଅଞ୍ଚଳର ପ୍ରତିନିଧିତ୍ୱ କରିଥିବା ସଦସ୍ୟମାନଙ୍କ ମଧ୍ୟରୁ ସତର ଜଣଙ୍କୁ ଏବଂ ତିନିଜଣ ସରକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା ।

ପୂର୍ବରୁ ୧୯୩୩ ଜୁନ୍ ୨୪ରେ ସରକାରଙ୍କ ଦ୍ୱାରା ଜନ୍ ଅଷ୍ଟିନ୍ ହବାକ୍‌ଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପ୍ରାଶାସନିକ କମିଟି ଗଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷଙ୍କ ବ୍ୟତୀତ ମଧୁସୂଦନ ଦାସଙ୍କ ସମେତ ନ'ଜଣ ସଦସ୍ୟ ରହିଥିଲେ । ଏହି କମିଟି ୧୯୩୩ ଡିସେମ୍ବର ୨୦ରେ ନୂତନ ପ୍ରଦେଶ ଗଠନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନୂତନ ଓଡ଼ିଶାର ଶାସନ ନିମନ୍ତେ ସହାୟକ ହୋଇଥିଲା । ଏହି କମିଟିରେ ମଧୁସୂଦନ ଦାସଙ୍କ ମୂଲ୍ୟବାନ ପରାମର୍ଶ ଓ ସକ୍ରିୟ ସହଯୋଗ ଥିଲା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ତାଙ୍କର ଶେଷ ଔପଚାରିକ କାର୍ଯ୍ୟ ।

**ତୁମ ପାଇଁ କାମ**

*ଆର୍ଥିକ ସ୍ୱାବଲମ୍ବନଶୀଳତା ସମ୍ବନ୍ଧରେ ମଧୁସୂଦନ ଦାସଙ୍କ ଚିନ୍ତାଧାରାର ଏକ ସମୀକ୍ଷାମୂଳକ ଆଲୋଚନା କର ।*

୧୯୩୫ ମସିହା ଭାରତ ଶାସନ ଆଇନ ଅନୁସାରେ ଓଡ଼ିଶା ପ୍ରାଦେଶିକ ବିଧାନସଭାପାଇଁ ୧୯୩୭ ମସିହାରେ ନିର୍ବାଚନ କରିବାକୁ ସ୍ଥିର କରାଯାଇଥିଲା । ଜାତୀୟ କଂଗ୍ରେସ ଏହି ଆଇନର କେତେକ ତ୍ରୁଟିପୂର୍ଣ୍ଣ ନୀତିର ବିରୋଧ କରୁଥିଲେ ସୁଦ୍ଧା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନ ଲଢ଼ିବା ପାଇଁ ସ୍ଥିର କରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ବିଧାନସଭାର ସମୁଦାୟ ଷାଠିଏଟି ଆସନ ମଧ୍ୟରୁ ଛପନଟି ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଦସ୍ୟଙ୍କ ପାଇଁ ଓ ଚାରିଟି ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ୧୯୩୭ ଜାନୁୟାରୀ ୧୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଛପନଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଜାତୀୟ କଂଗ୍ରେସ ବ୍ୟତୀତ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ପ୍ରମୁଖ ଦଳଗୁଡ଼ିକ ଥିଲେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱାଧୀନ ଜାତୀୟ ଦଳ, କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ସଂଯୁକ୍ତ ଦଳ ଓ ଖଲ୍ଲିକୋଟ



(କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ)

ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ୱାଧୀନ ଦଳ । ଏହା ବ୍ୟତୀତ କେତେକ ନିର୍ଦ୍ଦଳୀୟ ପ୍ରାର୍ଥୀ ମଧ୍ୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି ନିର୍ବାଚନରେ କଂଗ୍ରେସ ଛତିଶଟି ଆସନ ଲାଭ କରିଥିଲା । ଓଡ଼ିଶାରେ ଜାତୀୟ ଦଳ ଓ ସଂଯୁକ୍ତ ଦଳ ଯଥାକ୍ରମେ ଚାରିଟି ଓ ଛ'ଟି ଏବଂ ସ୍ୱାଧୀନ ଦଳ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ ଦଶଟି ଆସନରେ ବିଜୟୀ ହୋଇଥିଲେ ।

***ତୁମେ ଜାଣିଛ କି ?***

***ଜମିଦାର ଓ ରାଜମାନଙ୍କ ଦ୍ୱାରା ନ୍ୟାସନାଲିଷ୍ଟ ପାର୍ଟି ଏବଂ ୟୁନାଇଟେଡ୍ ପାର୍ଟି ପରିଚାଳିତ ହୋଇଥିଲା ।***

ନିର୍ବାଚନ ପରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ସୁଦ୍ଧା ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହୋଇ ନଥିଲା । କାରଣ କଂଗ୍ରେସ ଆଶଙ୍କା କରୁଥିଲା ଯେ ୧୯୩୫ ଭାରତ ଶାସନ ଆଇନରେ ରାଜ୍ୟପାଳଙ୍କୁ ଦିଆଯାଇଥିବା ବିଶେଷ କ୍ଷମତା ଦ୍ୱାରା ମନ୍ତ୍ରିମଣ୍ଡଳର କ୍ଷମତା ସଙ୍କୁଚିତ ହୋଇଯିବ । କଂଗ୍ରେସ ସହିତ ଆଲୋଚନା ବିଫଳ ହେବାପରେ ରାଜ୍ୟପାଳଙ୍କ ନିମନ୍ତ୍ରଣ କ୍ରମେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସଂଖ୍ୟାଲଘୁ ସଭ୍ୟଙ୍କ ସମର୍ଥନରେ ୧୯୩୭ ଏପ୍ରିଲ୍ ୧ ତାରିଖରେ ମନ୍ତ୍ରିମଣ୍ଡଳ ଗଠନ କଲେ । ସେ ହେଲେ ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ମୌଲବୀ ଲତିଫୁର ରେହମାନ ଏହି ମନ୍ତ୍ରିମଣ୍ଡଳରେ ଅନ୍ୟ ଦୁଇଜଣ ମନ୍ତ୍ରୀ ଥିଲେ । ଗଭର୍ଣ୍ଣର ଜେନେରାଲ୍‌ଙ୍କ ପ୍ରାଦେଶିକ ମନ୍ତ୍ରିମଣ୍ଡଳଗୁଡ଼ିକ ପ୍ରତି ସହଯୋଗ ପରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହେବାରୁ ୧୯୩୭ ଜୁଲାଇ ୧୩ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲା ।

କଂଗ୍ରେସ କାର୍ଯ୍ୟକାରୀ କମିଟି ଓଡ଼ିଶାରେ କଂଗ୍ରେସ ବିଧାୟକ ଦଳନେତା ବିଶ୍ୱନାଥ ଦାସଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଅନୁମତି ଦେଲେ । ଗଭର୍ଣ୍ଣରଙ୍କ ଔପଚାରିକ ନିମନ୍ତ୍ରଣ ପରେ ୧୯୩୭ ଜୁଲାଇ ୧୯ ତାରିଖ ଦିନ ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ । ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ



(ବିଶ୍ୱନାଥ ଦାସ)


ବୋଧରାମ ଦୁବେ ଏବଂ ଚାରିଜଣ ପାର୍ଲାମେଣ୍ଟାରି ସେକ୍ରେଟାରୀ ଯଦୁମଣି ମଙ୍ଗରାଜ, ଜଗନ୍ନାଥ ମିଶ୍ର, ପ୍ୟାରିଶଙ୍କର ରାୟ ଓ ରାଧାନାଥ ବିଶ୍ୱାସରାୟ ଶପଥ ଗ୍ରହଣ କରିଥିଲେ । ୧୯୩୭ ଜୁଲାଇ ୨୮ରେ ରେଭେନ୍ସା କଲେଜ ହଲ୍‌ରେ ଆହୂତ ପ୍ରଥମ ବିଧାନସଭାର ପ୍ରଥମ ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ଓ ନନ୍ଦକିଶୋର ଦାସ ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ରୂପେ ନିର୍ବାଚିତ ହୋଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଅଳ୍ପଦିନ ପରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଇଂରେଜ ସରକାରଙ୍କ ଯୁଦ୍ଧନୀତି ବିରୋଧରେ ପ୍ରତିବାଦ କରି ୧୯୩୯ ନଭେମ୍ବରରେ ଇସ୍ତଫା ଦେଇଥିଲେ । ଏହି ମନ୍ତ୍ରିମଣ୍ଡଳ ଯଦିଓ ଦୁଇ ବର୍ଷ ସାଢ଼େ ତିନିମାସ ପାଇଁ ସରକାର ଚଳାଇଥିଲା; ତଥାପି ରାଜସ୍ୱ, ଆର୍ଥନୀତିକ, ସାମାଜିକ, ସାମ୍ବିଧାନିକ ଓ ରାଜନୀତିକ ଆଦି କ୍ଷେତ୍ରରେ ବହୁ ଫଳପ୍ରଦ କାର୍ଯ୍ୟ କରିପାରିଥିଲା । କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବାପରେ ରାଜ୍ୟପାଳ ଅଷ୍ଟିନ୍ ହବାକ୍ ୧୯୩୫ ଭାରତ ଶାସନ ଆଇନ୍‌ର ଧାରା ୯୩ ଅନୁଯାୟୀ ପ୍ରଦେଶ ଶାସନର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର ପାଞ୍ଚବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପରେ ସେ ଓଡ଼ିଶାରୁ ବିଦାୟ ନେଲେ । ତାଙ୍କ ପରେ ଉଇଲିୟମ୍ ଲୁଇସ୍ ୧୯୪୧ ଏପ୍ରିଲ୍ ୧ ତାରିଖରେ ରାଜ୍ୟପାଳ ଦାୟିତ୍ୱ ଦେଲେ ।

୧୯୪୧ ନଭେମ୍ବର ୨୪ ତାରିଖରେ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କ ସହାୟତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ । ଏହି

ମନ୍ତ୍ରିମଣ୍ଡଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ମୌଲବୀ ଅବ୍‌ଦୁସ୍ ଶୋଭନ୍ ଖାଁ ମନ୍ତ୍ରୀ ରୂପେ ଯୋଗ ଦେଇଥିଲେ। ଏହି ମନ୍ତ୍ରିମଣ୍ଡଳ ଇଂରେଜ ସରକାରଙ୍କୁ ଯୁଦ୍ଧ ଚଳାଇବା କାର୍ଯ୍ୟରେ ସାହାଯ୍ୟ କରିଥିଲେ ମଧ୍ୟ କଂଗ୍ରେସ ନେତାଙ୍କ ଦ୍ୱାରା ସମାଲୋଚିତ ହୋଇଥିଲା। କିନ୍ତୁ ଏହି ମନ୍ତ୍ରିମଣ୍ଡଳର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆମାନଙ୍କର ଦୁଇଟି ଆକାଂକ୍ଷା ଫଳବତୀ ହୋଇ ପାରିଥିଲା। ତାହା ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ଓ କଟକ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଅର୍ଜିତ ସମସ୍ତ ଅର୍ଥକୁ ମହାରାଜା ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ। ସହଯୋଗୀ ମାନଙ୍କ ସହିତ ରାଜନୀତିକ ଦୃଷ୍ଟିରୁ ମତଭେଦ ହେବାରୁ ୧୯୪୪ ଜୁନ ୨୯ରେ ମହାରାଜା କୃଷ୍ଣଚନ୍ଦ୍ର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ୧୯୭୪ ମେ ୨୫ ତାରିଖରେ ପାରଳାଖେମୁଣ୍ଡି ଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ତାଙ୍କର ଚେଷ୍ଟା ଓ ତ୍ୟାଗ ପାଇଁ ସେ ଓଡ଼ିଆ ଜାତିପାଇଁ ଚିର ନମସ୍ୟ ହୋଇ ରହିବେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତି ପରେ ଓଡ଼ିଶା ପ୍ରାଦେଶିକ ବିଧାନ ସଭା ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ହରେକୃଷ୍ଣ ମହତାବ ୧୯୪୬ ଏପ୍ରିଲ ୨୩ ତାରିଖରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ । ତାଙ୍କ ସହିତ ନବକୃଷ୍ଣ ଚୌଧୁରୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନ୍‌ଗୋ ଓ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟ ଚାରିଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ସେହିବର୍ଷ ଭାରତକୁ ଆସିଥିବା "କ୍ୟାବିନେଟ ମିଶନ" ନିକଟରେ ଓଡ଼ିଶାର ଗଡ଼ଜାତ ରାଜ୍ୟ ସମୂହ ମିଶ୍ରଣ ସପକ୍ଷରେ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ହରେକୃଷ୍ଣ ମହତାବ ୧୯୪୬ ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ନେତୃତ୍ୱ ନେଇଥିଲେ। ଏହି ସମୟ ଅବଧି ମଧ୍ୟରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟହେଲା ଗଡ଼ଜାତ ମିଶ୍ରଣ, ହୀରାକୁଦ ନଦୀବନ୍ଧ ଯୋଜନାର ଆରମ୍ଭ ଓ ଭୁବନେଶ୍ୱରରେ ଓଡ଼ିଶାର ନୂଆ ରାଜଧାନୀ ପ୍ରତିଷ୍ଠା।


(ଉତ୍କଳ ବିଶ୍ୱବିଦ୍ୟାଳୟ)

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ପ୍ରଦେଶ ଗଠନ କିପରି ହେଲା ?

(ଖ) ନୂତନ ଓଡ଼ିଶାର ଉଦ୍‌ଘାଟନ ଦିବସ ପାଳନର ଏକ ବିବରଣୀ ପ୍ରଦାନ କର ।

(ଗ) ନିର୍ବାଚିତ ସରକାର ଗଠନ ହେବା ପର୍ଯ୍ୟନ୍ତ ନୂତନ ଓଡ଼ିଶାର ଶାସନ ପାଇଁ କି କି ପଦକ୍ଷେପ ନିଆଯାଇଥିଲା ?

(ଘ) ନୂତନ ଓଡ଼ିଶାର ପ୍ରଥମ ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନର ଏକ ବିବରଣୀ ଦିଅ ।

(ଙ) ୧୯୪୧ ମସିହାରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ଏକ ଟିପ୍‌ପଣୀ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ନୂତନ ଓଡ଼ିଶାର ପ୍ରଥମ ବିଧାନ ସଭାରେ ଏକକ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ କାହିଁକି କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ପାଇଁ ରାଜି ହୋଇ ନଥିଲା ?

(ଖ) ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସମୟ କାଳ କ'ଣ ଥିଲା ?

(ଗ) କଂଗ୍ରେସ କାହିଁକି ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହେଲା ଏବଂ ବିଶ୍ୱନାଥ ଦାଶ କେବେଠାରୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ ?

(ଘ) ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ ଥିବା ଅନ୍ୟ ଦୁଇଜଣ ମନ୍ତ୍ରୀ କିଏ ?

(ଙ) ଓଡ଼ିଶାର ପ୍ରଥମ ବିଧାନ ସଭାର ବାଚସ୍ପତି ଓ ଉପବାଚସ୍ପତି କିଏ ଥିଲେ ?

(ଚ) ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ କେବେ ଓ କାହିଁକି ଇସ୍ତଫା ଦେଇଥିଲେ ?

(ଛ) ଅଷ୍ଟିନ୍ ହବାକ୍‌ଙ୍କ ପରେ କିଏ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ନେଇଥିଲେ ?

(ଜ) କୃଷ୍ଣଚନ୍ଦ୍ର ଗଜପତିଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଅନ୍ୟ ଦୁଇଜଣ ମନ୍ତ୍ରୀଙ୍କର ନାମ ଲେଖ ?

(ଝ) କୃଷ୍ଣଚନ୍ଦ୍ର ଗଜପତିଙ୍କ ମିଳିତ ମନ୍ତ୍ରିମଣ୍ଡଳଦ୍ୱାରା ଓଡ଼ିଆମାନଙ୍କର କେଉଁ ଦୁଇଟି ଆକାଂକ୍ଷା ଫଳବତୀ ହୋଇଥିଲା ?

(ଞ) ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳ ସମୟର ଉଲ୍ଲେଖନୀୟ କାର୍ଯ୍ୟ କ'ଣ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ନୂତନ ଓଡ଼ିଶାର ରାଜଧାନୀ କେଉଁଠାରେ ଅବସ୍ଥାପିତ ହୋଇଥିଲା ?

(ଖ) ନୂତନ ଓଡ଼ିଶାର ଆୟତନ କେତେ ଥିଲା ?

(ଗ) କେଉଁ ସ୍ଥାନରେ ନୂତନ ଓଡ଼ିଶାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା ?

(ଘ) କିଏ ଓଡ଼ିଶାର ପ୍ରଥମ ରାଜ୍ୟପାଳଙ୍କୁ ଶପଥ ପାଠ କରାଇଥିଲେ ?

(ଙ) କାହା ଅଧ୍ୟକ୍ଷତାରେ ଓଡ଼ିଶା ପ୍ରାଶାସନିକ କମିଟି ଗଠିତ ହୋଇଥିଲା ?

(ଚ) ଓଡ଼ିଶାର ପ୍ରଥମ ବିଧାନ ସଭାରେ ସମୁଦାୟ କେତୋଟି ଆସନ ଥିଲା ଏବଂ ସେଥି ମଧ୍ୟରୁ କେତୋଟି ନିର୍ବାଚିତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ?

(ଛ) କିଏ ସଂଯୁକ୍ତ ଦଳର ନେତୃତ୍ୱ ନେଇଥିଲେ ?

(ଜ) ବିଶ୍ୱନାଥ ଦାଶଙ୍କ ଇସ୍ତଫା ପରେ କେଉଁ ଆଇନ୍ ଅନୁଯାୟୀ ରାଜ୍ୟପାଳ ଓଡ଼ିଶାର ପ୍ରତ୍ୟକ୍ଷ ଶାସନ ଦାୟିତ୍ୱ ଗ୍ରହଣ କଲେ ?

(ଝ) କିଏ ଉତ୍କଳ ବିଶ୍ୱବିଦ୍ୟାଳୟକୁ ତାଙ୍କର ଅର୍ଜିତ ସମସ୍ତ ଅର୍ଥ ଦାନ କରିଥିଲେ ?

(ଞ) ହରେକୃଷ୍ଣ ମହତାବ କେବେ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) କେଉଁଟି ନୂତନ ଓଡ଼ିଶାର ଜିଲ୍ଲା ନ ଥିଲା ?

(i) ସମ୍ବଲପୁର (ii) ଗଞ୍ଜାମ iii) ଅନୁଗୁଳ (iv) କୋରାପୁଟ

(ଖ) କିଏ ଉପଦେଷ୍ଟା ପରିଷଦର ଉପସଭାପତି ଥିଲେ ?

(i) ମଧୁସୂଦନ ଦାସ (ii) ଲକ୍ଷ୍ମୀଧର ମହାନ୍ତି (iii) କୃଷ୍ଣଚନ୍ଦ୍ର ଗଜପତି (iv) ବିଶ୍ୱନାଥ ଦାଶ

(ଗ) କୃଷ୍ଣଚନ୍ଦ୍ର ଗଜପତି କେଉଁ ଦଳର ନେତୃତ୍ୱ ନେଇଥିଲେ ?

(i) ସଂଯୁକ୍ତ ଦଳ (ii) ଜାତୀୟ କଂଗ୍ରେସ

(iii) ଜାତୀୟ ଦଳ (iv) ସ୍ୱାଧୀନ ଦଳ

(ଘ) କିଏ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ ଜଣେ ମନ୍ତ୍ରୀ ଥିଲେ ?

(i) ଅବଦୁସ୍ ଶୋଭନ ଖାଁ (ii) ଲତିଫୁର ରେହମାନ

(iii) ଗୋଦାବରୀଶ ମିଶ୍ର (iv) ନିତ୍ୟାନନ୍ଦ କାନୁନ୍‌ଗୋ

(ଙ) କେବେ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ?

(i) ୧୯୩୭ ଜୁଲାଇ ୧୩ (ii) ୧୯୩୭ ଜୁଲାଇ ୧୯

(iii) ୧୯୪୧ ନଭେମ୍ବର ୨୪ (iv) ୧୯୪୪ ଜୁନ୍ ୨୯

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖